

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ସଂକ୍ଷେପରେ



### ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନୂତନ ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକଙ୍କ ଯୋଗଦାନ

ସମ୍ବଲପୁର ,୨୯।୪ (ବ୍ୟୁରୋ)
ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆ ନୂତନ ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକ ଭାବେ ପୀତବାସ ପାଢ଼ୀ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ତାଙ୍କୁ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପ୍ରଥମେ ସେ ଆସାମର ମାର୍ଗେରିଟା ଶାଖାରେ ନିଯୁକ୍ତି ପାଇଥିଲେ। ଏହାପରେ ଛତିଶଗଡ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି । ସେ କହିଛନ୍ତି ଯେ, ଓଡିଶାରେ ଦୁର୍ବଳ ଶ୍ରେଣୀ ଲୋକଙ୍କ ନିକଟରେ ବ୍ୟାଙ୍କ ସେବା ପହଞ୍ଚାଇବା ଓ ଅନାଦେୟ ଋଣ ପରିଶୋଧ କରାଇବା ଦିଗରେ ଧ୍ୟାନ ଦେବେ।

# ସରକାରୀ କଟକଣାକୁ ଭୟ ନାହିଁ

- ଧୁ ଧୁ ଖରାରେ ସିଝୁଛନ୍ତି ଶ୍ରମିକ
- ଆଇନ ମାନୁନାହିଁ ଠିକା କମ୍ପାନୀ
- ଟାଣ ଖରାରେ ଚାଲିଛି ରାସ୍ତା କାମ
- ନୀରବଦ୍ରଷ୍ଟା ସାଜିଛି ଶ୍ରମ ବିଭାଗ

ସମ୍ବଲପୁର,୨୯।୪(ବ୍ୟୁରୋ)
କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଉନ୍ନତୀକରଣ କାମ ଚାଲିଛି। ସମ୍ବଲପୁରରୁ ଅନୁଗୋଳ ପର୍ଯ୍ୟନ୍ତ ରାସ୍ତାକୁ ଚାରି ଥାକିଆରେ ପରିଣତ କରିବାକୁ ଏହି କାମ ଚାଲିଛି। ଗାୟତ୍ରୀ କନଷ୍ଟ୍ରକଶନ ନାମକ ଏକ ଠିକା କମ୍ପାନୀ ଏହି ରାସ୍ତା କାମର ଦାୟିତ୍ୱ ତୁଲାଉଛି। ହେଲେ ଉକ୍ତ କମ୍ପାନୀ ଶ୍ରମ ଆଇନକୁ ଖୋଲାଖୋଲି ଭାବେ ଭଙ୍ଗ କରୁଛି। ସରକାର ଓ ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରାଯାଉଛି। ଟାଣ ଖରାରେ ଶ୍ରମିକମାନେ କାମ କରିପାରିବେ ନାହିଁ ବା ସେମାନଙ୍କୁ କେହି କାମରେ ଲଗାଇ ପାରିବେ ନାହିଁ ବୋଲି କଟକଣା ଜାରି କରାଯାଇଛି। ଶ୍ରମିକମାନେ ପୂର୍ବାହ୍ନରେ କେତେ ଓ ଅପରାହ୍ନରେ କେତେ ସମୟ କାମ କରିବେ ତାହାର ନିୟମ ରହିଛି। ହେଲେ ନିୟମ ତା ବାଟରେ ଆଉ କମ୍ପାନୀ ତା ବାଟରେ। ଏଥିରୁ ଜଣାପଡୁଛି କମ୍ପାନୀର ସରକାରୀ ନିର୍ଦ୍ଦେଶ ବା ଆଇନ କାନୁନକୁ ଭୟ ନାହିଁ। ସୋମବାର ଅପରାହ୍ନ ୧ଟାରେ ଧୁ ଧୁ ଟାଣ ଖରାରେ ମୁଣ୍ଡେର ନିକଟରେ ସମ୍ବଲପୁର-ଅନୁଗୋଳ ରାସ୍ତା ଉପରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳିବା ପରେ ଏହି ପ୍ରମାଣ ମିଳିଛି। ପ୍ରାୟ ୧୦ରୁ ଅଧିକ ଶ୍ରମିକ ରାସ୍ତା ଉପରେ ପିଚୁ ପକାଉଥିଲେ। ବିନା ଜୋତା, ଟୋପି ଆଦି ସୁରକ୍ଷା ଉପକରଣରେ ଏମାନେ କାମ କରୁଥିଲେ। ପଚାରିବାରୁ ସେମାନଙ୍କୁ ଜବରଦସ୍ତ ଭାବେ କାମ କରାଯାଉଥିବା କହିଥିଲେ । ଅନ୍ୟପକ୍ଷେ ଏହି ରାସ୍ତାଦେଇ ସରକାରୀ ବଡବାବୁମାନେ ଯିବା ଆସିବା କରୁଛନ୍ତି। ହେଲେ ଏଥିପ୍ରତି କାହାରି ଦୃଷ୍ଟି ପଡୁ ନ ଥିବା ସେମାନେ କହିଛନ୍ତି । ତେବେ ଶ୍ରମିକମାନଙ୍କ ସୁରକ୍ଷା ଦିଗରେ କମ୍ପାନୀ ଗୁରୁତ୍ୱ ଦେଉନାହିଁ । ଶ୍ରମିକଙ୍କ ପାଇଁ ଆବଶ୍ୟକ ସୁରକ୍ଷା ଉପକରଣ ଜୋତା, ଟୋପି ଆଦି ମଧ୍ୟ ପ୍ରଦାନ କରୁନାହିଁ ବୋଲି ଅଭିଯୋଗ ହେଉଛି।

ଏପ୍ରିଲ ମାସ ଆରମ୍ଭରୁ ଦିନ ୧୧ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ କୌଣସି ସରକାରୀ ଓ ବେସରକାରୀ ନିର୍ମାଣ କାମରେ ଶ୍ରମିକମାନେ ନିୟୋଜିତ ହୋଇ ପାରିବେ ନାହିଁ। ସେମାନଙ୍କ ପାଇଁ କାର୍ଯ୍ୟ ସ୍ଥଳରେ ପିଇବା ପାଣି ଓ ବିଶ୍ରାମ ନେବାକୁ ଛାଇ ବ୍ୟବସ୍ଥା ରହିବ। ଜିଲା ପ୍ରଶାସନ ଏକ ବୈଠକ କରି ଏହି ସତର୍କ ଚେତାବନୀ ଦେଇଥିଲା । ହେଲେ ଏଠାରେ ତାହାର ବ୍ୟତିକ୍ରମ ଦେଖା ଦେଇଛି। ଏବେ ଖରା ଯୋଗୁ ସ୍କୁଲ ଗୁଡିକ ଛୁଟି ହୋଇ ଯାଇଛି । ସକାଳୁଆ ମଧ୍ୟ ସରକାରୀ ଅଫିସ ହୋଇଛି । ହେଲେ କନଷ୍ଟ୍ରକଶନ କମ୍ପାନୀକୁ ଭୟ ନାହିଁ। ଶ୍ରମିକମାନେ ଖରାରେ ସିଝୁଛନ୍ତି। କେବଳ ଗାୟତ୍ରୀ କନଷ୍ଟ୍ରକଶନ କମ୍ପାନୀ ନୁହେଁ ବରଂ ଅନେକ କମ୍ପାନୀ, ସରକାରୀ ଓ ବେସରକାରୀ ନିର୍ମାଣ କାମ ଦିନ ଦିପହରେ ଚାଲୁଛି । ହେଲେ ଶ୍ରମ ବିଭାଗ ଆଖିରେ ପଟିବାନ୍ଧି କିଛି ଦେଖୁ ପାରୁନାହିଁ । ଦେଖିଲେ ମଧ୍ୟ ଚୁପ୍ ରହୁଛି। ଏହା ଦ୍ୱାରା ଶ୍ରମିକମାନଙ୍କୁ ଶୋଷଣ କରାଯାଉଛି। ତେବେ ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝିଙ୍କୁ ପଚାରିବାରୁ ଶ୍ରମିକଙ୍କ ସୁରକ୍ଷା ପାଇଁ କଡା ନିୟମ ରହିଛି । ଅଭିଯୋଗ କିମ୍ବା ଖବର ପାଇଲେ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ସମ୍ବଲପୁର ଜିଲା ମୁଣ୍ଡେରରେ ସୋମବାର ଅପରାହ୍ନରେ ରାସ୍ତା କାମରେ ନିୟୋଜିତ ଶ୍ରମିକ ।

## କୋର୍ଟ ଗେଟ୍ ଆଗରୁ ଫେରିଗଲେ ବିଚାରପତି, କର୍ମଚାରୀ

ରେଢ଼ାଖୋଲ,୨୯।୪(ଡି.ଏନ.ଏ.)
ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲ ସଂଘ ସମୂହର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ପ୍ରତ୍ୟେକ ମାସର ଶେଷ ୩ ଦିନ କାର୍ଯ୍ୟ ଦିବସକୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇ ଆସୁଛି। ଏହି ପରିପ୍ରେକ୍ଷୀରେ ଓକିଲଙ୍କ ଆନ୍ଦୋଳନକୁ ଜନସାଧାରଣ ସମର୍ଥନ କରି ଶେଷ ୩ ଦିନ କାର୍ଯ୍ୟ ଦିବସରେ ଆନ୍ଦୋଳନ କରୁଛନ୍ତି। ଗତ ୨୭ ତାରିଖଠାରୁ ରେଢ଼ାଖୋଲ ନାଗରିକ କମିଟିର ସଦସ୍ୟମାନେ ସକାଳ ୭ଟାରେ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରି ଆସୁଛନ୍ତି। ଏଥି ଯୋଗୁ କୋର୍ଟ କଚେରୀ ସମ୍ପୂର୍ଣ୍ଣ ଅଚଳ ହୋଇଛି। ପିକେଟିଂ ଯୋଗୁ ସବଜଜ୍ ବାସୁଦେବ ଆଚାର୍ଯ୍ୟ, ଏସ୍‌ଡିଜେଏମ ଅପୂର୍ବା ଚୌଧୁରୀ ଓ କୋର୍ଟ କର୍ମଚାରୀମାନେ ସୋମବାର କୋର୍ଟ ଭିତରକୁ ଯାଇ ପାରି ନ ଥିଲେ। ଏଣୁ ସେମାନଙ୍କୁ ଫେରିଯିବାକୁ ପଡିଥିଲା। ନାଗରିକ କମିଟିର ସଦସ୍ୟମାନେ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। କମିଟିର ଅନାଦି ଚରଣ ସାହୁ, ଉମାକାନ୍ତ ପ୍ରଧାନଙ୍କ ସମେତ ବହୁ ନାଗରିକ ପିକେଟିଂ କରିଥିଲେ। ମଙ୍ଗଳବାର ମଧ୍ୟ ଆନ୍ଦୋଳନ କରାଯିବ। ସୂଚନା ଯୋଗ୍ୟ ଯେ, ପଶ୍ଚିମ ଓଡିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁର ଜିଲା ଓକିଲ ସଂଘର ଆହ୍ୱାନ କ୍ରମେ ଓ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ସହମତିରେ ଗତ ସେପ୍ଟେମ୍ବର ୬ ତାରିଖଠାରୁ ଓକିଲମାନେ ଆନ୍ଦୋଳନ କରି କୋର୍ଟ କଚେରି ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ହେଲେ ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସରକାରୀ କାର୍ଯ୍ୟାଳୟ ଗୁଡିକ ଖୋଲା ଯାଇଛି। ଆଇନଜୀବୀମାନେ କିନ୍ତୁ କୋର୍ଟରେ କେବଳ ଜରୁରୀ କାର୍ଯ୍ୟ କରୁଛନ୍ତି। ତେବେ ଏହି ଆନ୍ଦୋଳନ ଯୋଗୁ ଗତ ୮ମାସ ହେବ କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ଅଚଳ ହୋଇ ପଡିଛି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ଜମନକିରା, ୨୯।୪ (ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ଥାନା ଅନ୍ତର୍ଗତ ଟିକିଲିପଡ଼ା ପଞ୍ଚାୟତ ଡୁମାମୁରା ଗାଁର ଜଣେ ୩୫ ବର୍ଷ ବୟସ୍କା ମହିଳାଙ୍କୁ ସେହି ଗାଁର ଭୁବନେଶ୍ୱର ପଧାନ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ପୋଲିସ ଏକ ମାମଲା (ନଂ.୪୬/୧୯) ରୁଜୁ କରି ତଦନ୍ତ ଜାରିରଖିଛି। ପୋଲିସର ସୂଚନା ଅନୁସାରେ, ମହିଳା ଜଣକ ମହୁଲ ଗୋଟାଇବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଭୁବନେଶ୍ୱର ତାଙ୍କ ପାଖରେ ପହଞ୍ଚି ଅସଦାଚରଣ କରିଥିଲେ। ସେ ବିରୋଧ କରିବାରୁ ଅଭିଯୁକ୍ତ ବାଡ଼େଇବାକୁ ପଛାଇ ନ ଥିଲେ।

## ୭ ମାସର ଗର୍ଭବତୀଙ୍କ ଆତ୍ମହତ୍ୟା

ରେଢ଼ାଖୋଲ,୨୯।୪(ଡି.ଏନ.ଏ.)
ରେଢ଼ାଖୋଲ ଥାନା କନ୍ଧରା ଗ୍ରାମର ଦ୍ରୌପଦୀ ପ୍ରଧାନ(୨୨) ନାମ୍ନୀ ଜଣେ ୭ ମାସର ଗର୍ଭବତୀ ମହିଳା ସୋମବାର ସକାଳ ୭ଟାରେ ପିନ୍ଧିଥିବା ଶାଢ଼ୀକୁ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ରେଢ଼ାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଓ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଗୌରୀଶଙ୍କର ମହାପାତ୍ର ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମହିଳାଙ୍କ ବାପା ଆଠମଲ୍ଲିକ ଥାନା ଅନ୍ତର୍ଗତ ଡାଲିମାଳ ଗ୍ରାମର ଦିବାକର ଦେହୁରୀ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୧୯) ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଦେଢ଼ବର୍ଷ ତଳେ ଦ୍ରୌପଦୀ ଏହି ଗାଁର ଅଜିତ ପ୍ରଧାନଙ୍କୁ ବିବାହ କରିଥିଲେ। ଏବେ ସେ ୭ ମାସର ଗର୍ଭବତୀ। କୌଣସି କାରଣରୁ ଶାଶୁଙ୍କ ସହିତ ମନୋମାଳିନ୍ୟ ଯୋଗୁ ଦ୍ରୌପଦୀ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ଅପରପକ୍ଷରେ ଦ୍ରୌପଦୀଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ସୋମବାର ସକାଳେ ସ୍ୱାମୀ ଘରେ ନ ଥିଲେ। ପରିବାରର ଅନ୍ୟ ସଦସ୍ୟମାନେ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଦ୍ରୌପଦୀ ପିନ୍ଧିଥିବା ଶାଢ଼ୀକୁ ଘରର କଡିରେ ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ଘରେ ପହଞ୍ଚି ଦ୍ରୌପଦୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ।

# ଆତଙ୍କରାଜ ଯୋଗୁ ମତଦାନ ହାର କମିଛି

ସମ୍ବଲପୁର,୨୯।୪(ବ୍ୟୁରୋ)
ସମ୍ବଲପୁର ବିଧାନସଭା କ୍ଷେତ୍ରରେ ଭୋଟ ଗ୍ରହଣ ଦିନ ବିଜେଡି ପକ୍ଷରୁ ଆତଙ୍କରାଜ ଚାଲିଥିଲା। ଏଥିରେ ସ୍ଥାନୀୟ ନେତାଙ୍କ ହାତ ରହିଥିଲା। ତେଣୁ କେତେକ ବୁଥ୍‌ରେ ମତଦାନ ହାର କମି ଯାଇଛି । ନିର୍ବାଚନ ପରେ ମଧ୍ୟ ହିଂସା ବଢିବାରେ ଲାଗିଛି । ଭୋଟ ଗ୍ରହଣ ଦିନ ମାରଣାସ୍ତ୍ର ଧରି କେତେକ ଦୁର୍ବୃତ୍ତ ଭୋଟରଙ୍କୁ ଭୟଭିତ କରିଥିଲେ । ତେଣୁ ଭୋଟ ହାର କମି ଯାଇଛି । ଏବେ ଶାସକ ଦଳ ନେତାଙ୍କ ଚାପରେ ମିଥ୍ୟା ମାମଲା ରୁଜୁ କରି ନୀରିହ ଲୋକମାନଙ୍କୁ ଜେଲରେ ପୂରାଇ ଦିଆଯାଉଛି । ତେଣୁ ବଡଧରଣର ଅଘଟଣକୁ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଭଳି ଅଭିଯୋଗ ଓ ଦାବି ନେଇ ଜିଲାପାଳ ଶୁଭମ ସକସେନାଙ୍କୁ ଭେଟିଛି ସଂଖ୍ୟାଲଘୁ ବିକାଶ ମଞ୍ଚ । ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମଧ୍ୟ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ନିର୍ବାଚନ ସମୟରେ ହୋଇଥିବା ଘଟଣା ଯାଞ୍ଚ କରି ବୁଥ ଗୁଡିକରେ ଲାଗିଥିବା ଭିଡିଓ କ୍ୟାମେରାକୁ ଯାଞ୍ଚ କରାଯାଉ ବୋଲି ଦାବି କରାଯାଇଛି। ସୁନାପାଲି, ସର୍ଲାକାନୀ, ମୋତିଝରଣ, ଦଲେଇପଡା, ପେନସନ ପଡା, କୁମ୍ଭାରପଡା, କମିଶନର କଲୋନୀ, ଭୂତାପଡା, ନୂଆପଡା ପ୍ରମୁଖ ସ୍ଥାନରେ ଥିବା ବୁଥ ଗୁଡିକରେ କର୍ମୀମାନେ ଭୟଭୀତ କରି ମତଦନା କରାଇଛନ୍ତି । ଏପ୍ରିଲ ୨୫ ତାରିଖ ୨୫ ଜଣଙ୍କ ନାମରେ ମିଥ୍ୟା କେସ୍ ଦେଇ ଜେଲ ପଠାଇ ଦେଇଛନ୍ତି । ଏବେ ପରିବାର ବର୍ଗଙ୍କୁ ଧମକ ଚମକ ଦିଆଯାଉଛି ବୋଲି ଅଭିଯୋଗ ହେଉଛି । ସଂଖ୍ୟା ଲଘୁ ବିକାଶ ମଞ୍ଚର ଶେଖ ମଜିଜ, ପରବିନ ବେଗମ, ମହମ୍ମଦ ୟୁଶୁଫ, ସାଇରା ବେଗମ, ଫକିତା ବେଗମ, ସୋନି ବେଗମ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ।




ସମ୍ବଲପୁର ଜିଲାପାଳଙ୍କ ଅଫିସକୁ ସଂଖ୍ୟାଲଘୁ ବିକାଶ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରିବା ପାଇଁ ଆସିଛନ୍ତି।

## ପ୍ରଥମ ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ସମ୍ବଲପୁର କ୍ଲବ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳି।

ସମ୍ବଲପୁର,୨୯।୪(ବ୍ୟୁରୋ)
ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ସମ୍ବଲପୁର କ୍ଲବ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଇଣ୍ଡିଆନ ଟାଇଗର ୮ ଉଇକେଟରେ ସମ୍ବଲପୁର ସୁପରକିଙ୍ଗକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇଛି । ସମ୍ବଲପୁର ସୁପର କିଙ୍ଗ ପ୍ରଥମେ ବ୍ୟାଟଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଥିଲା। ଅବିନାଶ ନନ୍ଦ ୨୮ ବଲରେ ୪୯ ଓ ଅନୁପ ପ୍ରଧାନ ୩୪ ବଲରେ ୩୯ ରନ ସଂଗ୍ରହ କରିଥିଲେ। ଇଣ୍ଡିଆନ ଟାଇଗର ବୋଲର ସୟଦ ଜ୍ୟାକି ୩ ଉଇକେଟ ହାସଲ କରିଥିଲେ। ଇଣ୍ଡିଆନ ଟାଇଗର ୨୦ ଓଭରରେ ୨ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ପିଣ୍ଟୁ କୁମାର ବେହେରା ୫୭ ବଲରେ ଅପରାଜିତ ୯୪ ରନ ସଂଗ୍ରହ କରିଥିଲେ।

ଭିମ୍‌ସାରରେ ଷ୍ଟ୍ରେଚରରୁ ପଡ଼ି ରୋଗୀଙ୍କ ମୃତ୍ୟୁ ଘଟଣା

# ଦାୟିତ୍ୱରେ ଅବହେଳା ଅଭିଯୋଗରେ ବହିଷ୍କାର ହେଲେ ଅସ୍ଥାୟୀ କର୍ମଚାରୀ

ସମ୍ବଲପୁର,୨୯।୪(ବ୍ୟୁରୋ)
ସମ୍ବଲପୁର ବୁର୍ଲା ଭିମ୍‌ସାରରେ ଏପ୍ରିଲ ୨୭ ତାରିଖ ଷ୍ଟ୍ରେଚରରୁ ପଡି ପୀତବାସ ସାହୁ (୮୧) ନାମକ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଭିମସାର ଅଧୀକ୍ଷକ ଜୟଶ୍ରୀ ଦୋରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରୋଗୀଙ୍କୁ ଷ୍ଟ୍ରେଚରରେ ନେବା ଆଣିବା କରିବା ଲାଗି ଦାୟିତ୍ୱରେ ଥିବା ଚତୁର୍ଥ ଶ୍ରେଣୀ ଅସ୍ଥାୟୀ କର୍ମଚାରୀ ଅନ୍ତର୍ଯ୍ୟାମୀ ଦୀପଙ୍କୁ ନିଲମ୍ବନ କରାଯାଇଛି। ନିଜ କର୍ତ୍ତବ୍ୟରେ ଅବହେଳା ପାଇଁ ତାଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି । ତଦନ୍ତ ରିପୋର୍ଟ ଆସିଲା ପରେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ଅଧୀକ୍ଷକ ଦୋରା କହିଛନ୍ତି । ହେଲେ ଏହି ଘଟଣା ପ୍ରଚାର ହେବା ପରେ ବୁର୍ଲାରେ ଅନ୍ୟ ଚତୁର୍ଥ କର୍ମଚାରୀମାନଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି ।

ସୂଚନାଯୋଗ୍ୟ ଯେ, ହୀରାକୁଦ ଥାନା ରେମେଡ ଗ୍ରାମର ପୀତବାସଙ୍କ ଦେହ ରବିବାର ଅସୁସ୍ଥ ହେବାରୁ ତାଙ୍କ ପୁଅ ତ୍ରିନାଥ ମେଡିକାଲ ନେଇଥିଲେ। ଷ୍ଟ୍ରେଚରରେ ମେଡିସିନ ବିଭାଗକୁ ନେବାକୁ କର୍ମଚାରୀ ଦୀପ ୧୦୦ ଟଙ୍କା ଲାଞ୍ଚ ମାଗିଥିଲେ । ହେଲେ ୫୦ ଟଙ୍କା ଦେଇ ପାରିବେ ବୋଲି ତ୍ରିନାଥ କହିଥିଲେ। ଦୀପ ରାଜି ହୋଇଥିଲେ ବି ବିରକ୍ତି ପ୍ରକାଶ କରିଥିଲେ। ଶେଷରେ ପୀତବାସଙ୍କୁ ଷ୍ଟ୍ରେଚରରେ ନେଉଥିବା ସମୟରେ ଅଧାବାଟରେ ସେ ତଳକୁ ପଡି ଯାଇଥିଲେ। ଏଣୁ ତାଙ୍କର ମୃତ୍ୟୁ ଘଟିଥିଲା ବେଳେ ପୁଅ ତ୍ରିନାଥ କଲେଜ ଅଧୀକ୍ଷକ ଦୋରାଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଭୂଷଣରେ ସ୍ୱାସ୍ଥ୍ୟ, ସୁରକ୍ଷା କାର୍ଯ୍ୟକ୍ରମ

ସମ୍ବଲପୁର ,୨୯।୪ (ବ୍ୟୁରୋ)
ଭୂଷଣ ପାୱାର ଆଣ୍ଡ ଷ୍ଟିଲ ଅଗ୍ନିଶମ ଓ ସୁରକ୍ଷା ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦୀନେଶ କୁମାର ଯାଦବଙ୍କ ନିର୍ଦ୍ଦେଶନା ଓ ବି.ଆର. ପ୍ରସନ୍ନଙ୍କ ଅଧ୍ୟକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କମ୍ପାନୀର ଅଗ୍ନିଶମ ଓ ସୁରକ୍ଷା, ଓଏଚସି, ପ୍ୟାଲେଟ ଏବଂ ବେନିଫିସିଏସନ ବିଭାଗର ଅଧିକାରୀ, କର୍ମଚାରୀମାନେ ଭାଗ ନେଇଥିଲେ । ଡ. ବି.ବି. ମଙ୍ଗରାଜ, କେ. ଭରଦ୍ୱାଜ, ଥିଭିୟାରଞ୍ଜନ ପ୍ରମୁଖ ଯୋଗ ଦେଇଥିଲେ । ଅଗ୍ନିଶମ ଓ ସୁରକ୍ଷା ବିଭାଗ ବରିଷ୍ଠ ପ୍ରବନ୍ଧକ ଏସ.ପି. ମହାକୁଡ ସ୍ୱାଗତ ଭାଷଣ ଦେଇଥିଲେ । ଅଗ୍ନିଶମ ଓ ସୁରକ୍ଷା ବିଭାଗ ପ୍ରବନ୍ଧକ ଏସ.ଏସ. ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପରିବହନ ବିଭାଗ ପକ୍ଷରୁ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ବିଭାଗୀୟ ମୁଖ୍ୟ ଏ.ଏନ. ସିଂ, ମହେଶ କୁମାର ଠାକୁରଙ୍କ ସମେତ କର୍ମଚାରୀ ଯୋଗ ଦେଇଥିଲେ । ଶେଷରେ କୁଳଦୀପ ଭରଦ୍ୱାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଭିଏସ୍‌ଏସ୍ ସ୍କୁଲ ଛାତ୍ରୀଙ୍କ ସଫଳତା




ବୀର ସୁରେନ୍ଦ୍ର ସାଏ ସ୍କୁଲର ଛାତ୍ରୀ ହର୍ଷିତା ଓ ରାଜଲକ୍ଷ୍ମୀ ଟ୍ରଫି ସହ ।

ସମ୍ବଲପୁର,୨୯।୪ (ବ୍ୟୁରୋ)
ନ୍ୟାସନାଲ ଏଷ୍ଟ୍ରୋନୋମୀ ଫିଜିକ୍ସ-୨୦୧୮ ପ୍ରତିଯୋଗିତାରେ ବୀର ସୁରେନ୍ଦ୍ର ସାଏ (ଭିଏସଏସ)ସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି । ଏଥିରେ ସ୍କୁଲର ୯ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ହର୍ଷିତା ପ୍ରଧାନ ଓ ରାଜଲକ୍ଷ୍ମୀ ପ୍ରଧାନ ପୁରସ୍କୃତ ହୋଇଛନ୍ତି । ସ୍କୁଲ ଶିକ୍ଷକ ଛାୟାକାନ୍ତ ବେହେରା ଓ ଶିକ୍ଷୟିତ୍ରୀ ରଞ୍ଜିତା ପଟେଲଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ ।

## ମୁଦିପଡ଼ା ଶୀତଳଷଷ୍ଠୀଯାତ୍ରାର ନୂତନ କର୍ମକର୍ତ୍ତା

ସମ୍ବଲପୁର,୨୯।୪(ବ୍ୟୁରୋ):ମୁଦିପଡା ଶୀତଳଷଷ୍ଠୀ ଯାତ୍ରା କମିଟିର ନୂତନ କର୍ମକର୍ତ୍ତା ଗଠିତ ହୋଇଛି। ସୁନୀଲ ଦାସ ସଭାପତି ଭାବେ ମନୋନୀତ ହୋଇଛନ୍ତି । ସୁଧୀର ପଣ୍ଡା, ଅଭିରାମ ପଟେଲ, ବିନୋଦ ପଣ୍ଡା ଓ ଲକ୍ଷ୍ମୀନାରାୟଣ ପଟେଲ ଉପସଭାପତି, ଗତିକୃଷ୍ଣ ଷଡଙ୍ଗୀ ସାଧାରଣ ସଂପାଦକ, ସୁନୀଲ ସାହଣୀ, ଦୁର୍ଗାଶଙ୍କର ପଟ୍ଟନାୟକ, ସୁଧୀର ମିଶ୍ର ସହ ସଂପାଦକ, ଘନଶ୍ୟାମ ପଟେଲ, ଗଙ୍ଗାଧର ଭୋଇ କୋଷାଧ୍ୟକ୍ଷ, ଜିତୁ କର୍ଣ୍ଣ ମୁଖ୍ୟ ସାଂଗଠାନିକ ସଂପାଦକ, ସଞ୍ଜୀବ ଦାସ, ଅମୂଲ୍ୟ ପଟେଲ, ହିମାଂଶୁ ପାଣିଗ୍ରାହୀ, ସୁକାନ୍ତ ପାଣିଗ୍ରାହୀ ସାଂଗଠାନିକ ସଂପାଦକ, ଖଡିରତ୍ନ ବେହେରା ସଂଯୋଜକ ମନୋନୀତ ହୋଇଛନ୍ତି।

## ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟର ୧୮ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୯।୪(ବ୍ୟୁରୋ)
ଶାସନସ୍ଥିତ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ୧୮ତମ ପ୍ରତିଷ୍ଠା ଦିବସ ସୋମବାର ସ୍କୁଲ ପରିସରରେ ପାଳିତ ହୋଇଛି। ଏହି ଅବସରରେ ଦଶମ, ଏକାଦଶ, ଦ୍ୱାଦଶ ପରୀକ୍ଷାରେ ୯୦ ପ୍ରିତଶତରୁ ଅଧିକ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା, ପ୍ରଶାସନିକ ନିର୍ଦ୍ଦେଶକ ଡି.ନାଗେଶ୍ୱର ରାଓ, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ସୌମେନ୍ଦ୍ର ପଣ୍ଡା, ଜି. ରାମକ୍ରିଷ୍ଣା, କଲେଜ ଅଧ୍ୟକ୍ଷ ସଞ୍ଜୀବ ବାବୁ, ସ୍କୁଲ ଅଧ୍ୟକ୍ଷ ଡ. ବିଜୟ ପାଢୀ ଓ ଅଧ୍ୟକ୍ଷା ଭି ଶୈଳଜା, ପ୍ରଧାନ ଶିକ୍ଷୟିତ୍ରୀ ଶୈଳ ପାଢୀ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ ।




ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟକୁ ୧୮ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀ ଓ ଛାତ୍ରୀଛାତ୍ର।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ପାଇକମାଳ, ୨୯।୪ (ଡି.ଏନ.ଏ):** ପାଇକମାଳ ସଡକପଡାର ବ୍ୟବସାୟୀ ସୁଶାନ୍ତ ସାହୁ (୫୧)ଙ୍କ ସୋମବାର ଅପରାହ୍ନ ୨ଟାରେ ମୃତ୍ୟୁ ହୋଇଛି। ସେ ଗତ ୧୯ତାରିଖରେ ପଦ୍ମପୁରରୁ ଆସୁଥିବାବେଳେ ପାଇକମାଳ-ପଦ୍ମପୁର ରାସ୍ତାର ତାରିଣୀ ମନ୍ଦିର ନିକଟରେ ଅନ୍ୟ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବରଗଡର ଘରୋଇ ଚିକିତ୍ସାଳୟରେ ଚିକିତ୍ସା ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଅପରାହ୍ନରେ ବରଗଡ ସରକାରୀ ଚିକିତ୍ସାଳୟକୁ ପଠାଯାଇଛି।

### ମଧୁବାବୁ ଓଡିଆ ଜାତି, ଭାଷାର ସୁରକ୍ଷା ପାଇଁ ସମର୍ପିତ ଥିଲେ

**ତରଭା, ୨୯।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ଜେଏମଏଫସି କୋର୍ଟ ପରିସରରେ ତରଭା ଓକିଲ ସଂଘ ତରଫରୁ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ତରଭା ଓକିଲ ସଂଘ ସଭାପତି ଅକ୍ଷୟ ବାଘଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଦଶରଥ ମାହାଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ସାନନ୍ଦ ବିହାରୀ ମହାପାତ୍ର ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଆଇନଜୀବୀ ଆଦିକନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ସଞ୍ଜୀବ କୁମାର ସାହୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟବକ୍ତା ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ମଧୁବାବୁ ଓଡିଆ ସ୍ୱାଭିମାନର ପ୍ରତୀକ ଏବଂ ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୂଳଦୂଆ ପକାଇଥିଲେ। ସେ ଓଡିଆ ଜାତି ଓ ଭାଷାର ସୁରକ୍ଷା ପାଇଁ ସମର୍ପିତ ଥିଲେ। ତାଙ୍କ ଜୀବନାଦର୍ଶ ଅନୁପ୍ରେରଣୀୟ ବୋଲି ମୁଖ୍ୟବକ୍ତ ପାଣିଗ୍ରାହୀ ଆଇନଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ହରିବନ୍ଧୁ ପାଣିଗ୍ରାହୀ, ଶୈଳେନ୍ଦ୍ର କୁମାର ସାହୁ, କୃଷ୍ଣ ମାହାଣା ଓ ଜୟକିଶୋର ସାହୁ ପ୍ରମୁଖ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଓକିଲ ସଂଘର ସଦଶ୍ୟ ଅଚ୍ୟୁତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି ସରିବ ରାମଲୀଳା ଯାତ୍ରା ମହୋତ୍ସବ
### ୧୦ ରାବଣଙ୍କୁ ନେଇ ହେବ ମହାସମର

**ବୌଦ୍ଧ,୨୯।୪(ସ୍ୱ.ପ୍ର): ଗଡଜାତ** ବୌଦ୍ଧରେ ପବିତ୍ର ରାମନବମୀଠାରୁ ଦୀର୍ଘ ୧୮ ଦିନ ଧରି ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ରାମଲୀଳା ଯାତ୍ରା ମହୋତ୍ସବ ମଙ୍ଗଳବାର ଉଦଯାପିତ ହେବ। ସାରା ଜିଲାରେ ଗଣପର୍ବର ମାନ୍ୟତା ପାଇଥିବା ଏହି ଯାତ୍ରାର ଉଦ୍‌ଯାପନୀ ଉତ୍ସବ ପାଇଁ ଆୟୋଜକ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଜିଲାର ବିଭିନ୍ନ ପଞ୍ଚାୟତରୁ ୯ଟି ରାବଣ ରଥରେ ବାହାରି ମୁଖ୍ୟଯାତ୍ରାରେ ସାମିଲ ହେବା ପାଇଁ ବୌଦ୍ଧ ଅଭିମୁଖେ ଯାତ୍ରା କରିବେ। ଏଥିପାଇଁ ପଞ୍ଚାୟତ ଗୁଡିକରେ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ରାମ ରାବଣ ଯୁଦ୍ଧକ୍ଷେତ୍ର ପାଇଁ ବୌଦ୍ଧ ଖେଳ ପଡିଆଠାରେ ବ୍ୟବସ୍ଥା କରାଯାଇଛି। ପରମ୍ପରା ଅନୁଯାୟୀ ରାମଙ୍କ ରଥ ରାମେଶ୍ୱର ମନ୍ଦିରରୁ ଓ ରାବଣ ରଥ ବୁଟୁପାଲି ହାଇସ୍କୁଲ ପଡିଆରୁ ବାହାରି ଖେଳ ପଡିଆରେ ପହଞ୍ଚିବ। ସେଠାରେ ଆତସବାଜି ସହିତ ଉଭୟ ସେନା ମଧ୍ୟରେ ସମ୍ମୁଖ ଯୁଦ୍ଧ ଅନୁଷ୍ଠିତ ହେବ। ସେଥିପାଇଁ ଷ୍ଟାଡିୟମ ପଡିଆରେ ୧୦ଟି ରାବଣ ରଥ ଓ ରାମଙ୍କ ରଥ ରହିବା ସହ ଯୁଦ୍ଧକ୍ଷେତ୍ର ପ୍ରସ୍ତୁତି ଓ ସାଧାରଣ ଦର୍ଶକଙ୍କ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହାବ୍ୟତୀତ ବସଷ୍ଟାଣ୍ଡ ସମେତ ବିଭିନ୍ନ ଛକ ଜାଗା ତଥା ମୁଖ୍ୟଯାତ୍ରା ପଡିଆରେ ମଧ୍ୟ ଦର୍ଶକମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଯାତ୍ରା ପଡିଆରେ ଦଶମୁଣ୍ଡ ବିଶିଷ୍ଟ ରାବଣର ବିରାଟ ପ୍ରତିକୃତି ନିର୍ମିତ ହୋଇଛି। ନାଟ୍ୟ ସଂସଦ ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଯାତ୍ରା କମିଟିର ସଦସ୍ୟମାନେ ଉଦଯାପନୀ ଉତ୍ସବକୁ ସଫଳତାର ସହିତ ଆୟୋଜନ କରିବା ପାଇଁ ସମସ୍ତ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଥିବା ଦେଖାଯାଇଛି।

## ଡିଏଫ୍‌ଓଙ୍କୁ ଭେଟିଲେ ୟୁଥ୍ ଆକ୍ସନ କମିଟି ସଦସ୍ୟ
# ବୃକ୍ଷରୋପଣ, ଗଛ ସୁରକ୍ଷା ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୨୯।୪**

ବଲାଙ୍ଗୀର ସହର ତଥା ଜିଲାରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶେଷ କରି ଗ୍ରୀଷ୍ମଦିନରେ ନାହିଁ ନ ଥିବା ଅସୁବିଧା ହେଉଛି। ଜିଲାର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବା ସହ ପାନୀୟ ଜଳସ୍ରୋତ କମିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଜିଲାର ବିଭିନ୍ନ ସ୍ଥାନରେ ଅଧିକରୁ ଅଧିକ ବୃକ୍ଷରୋପଣ ଏବଂ ରାସ୍ତାକଡ ଗଛର ସୁରକ୍ଷା ଦାବି ନେଇ ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ସଦସ୍ୟମାନେ ସୋମବାର ଡିଏଫ୍‌ଓ ସମୀର ଶତପଥୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଡିଏଫ୍‌ଓ କାର୍ଯ୍ୟାଳୟକୁ ଯାଇ ଜିଲାରେ ବୃକ୍ଷରୋପଣ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। କିଛିବର୍ଷ ହେଲା ଜିଲାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ଜଙ୍ଗଲ ହ୍ରାସ ଅନ୍ୟତମ କାରଣ ପାଲିଟି ଥିବାବେଳେ ରାସ୍ତାଘାଟ ପ୍ରଶସ୍ତିକରଣ ଯୋଗୁଁ ବ୍ୟାପକ ଗଛ କଟାଯାଇଛି। ବନବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ହୋଇଥିବା ଜଙ୍ଗଲ ଓ ଗଛ ପାଇଁ ବନୀକରଣ କରାଯିବାର ନିୟମ ରହିଥିଲେ ମଧ ଏହା ଠିକ୍‌ଭାବେ କରାଯାଉ ନ ଥିବା ଅଭିଯୋଗ କରାଯାଇଥିଲା। ଏଭଳି ପରିସ୍ଥିତିରେ ଜଙ୍ଗଲ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି ଆଲୋଚନା କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ରାସ୍ତାଘାଟ ଉନ୍ନତିକରଣ, ଦୋହରୀକରଣ ଓ ପ୍ରଶସ୍ତିକରଣ ଯୋଗୁଁ ଯେଉଁ ଗଛ କଟାଯାଇଛି ତା ପାଇଁ କେତେ ପରିମାଣର ଓ କେଉଁଠି ବନୀକରଣ କରାଯାଇଛି ବୋଲି ଡିଏଫ୍‌ଓଙ୍କୁ ପ୍ରଶ୍ନ କରିଥିଲେ। ବଲାଙ୍ଗୀର କଚେରୀ ଛକରୁ ପାଟଣାଗଡ ରାସ୍ତା ତିଆରି ହେବା ପୂର୍ବରୁ ପୂର୍ତ୍ତ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଇବାକୁ ଚୁକ୍ତି କରିଥିଲେ ମଧ ଏପର୍ଯ୍ୟନ୍ତ ଏଠାରେ ବୃକ୍ଷରୋପଣ କରାଯାଇନାହିଁ। ସେହିପରି ଖଲିଆପାଲି-ବିଷ୍ଣୁମୁଣ୍ଡା ରାସ୍ତା, ସମ୍ବଲପୁର ରୋଡ, ସଦାଇପାଲି ସାଇଟ୍ ରାସ୍ତା, ରାଜେନ୍ଦ୍ର କଲେଜ ପାଟଣାଗଡ ରାସ୍ତା କଡରେ ଯେଉଁ ବୃକ୍ଷରୋପଣ କରାଯାଇଛି ଉଚିତ୍ ରକ୍ଷଣାବେକ୍ଷଣ ଅଭାବରୁ ଏହି ଗଛଗୁଡିକ ଠିକ୍‌ଭାବେ ବଢ଼ିପାରୁ ନ ଥିବା ଡିଏଫ୍‌ଓଙ୍କୁ ଅବଗତ କରିଥିଲେ। ସେହିପରି ସହରର ସୁଦପଡା ରାସ୍ତାକଡରେ ଥିବା ୨୨ଟି ଗଛକୁ କାଟିବା ପାଇଁ ଯୋଜନା ଚାଲିଥିବା ଜାଣିବା ପରେ ଏନେଇ ଡିଏଫ୍‌ଓଙ୍କ ସହ ଆଲୋଚନା କରିଥିଲେ। ଡିଏଫ୍‌ଓ ଶତପଥୀଙ୍କୁ ଦାବିପତ୍ର ଦେଇ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ନଷ୍ଟ ହେଉଥିବା ଦର୍ଶାଇ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ କହିଥିଲେ। ଆଲୋଚନାରେ ଡିଏଫ୍‌ଓ ଶତପଥୀ ସୁଦପଡା ରାସ୍ତାକଡରେ ଥିବା ଗଛ ବହୁ ପୁରୁଣା ହୋଇଥିବାରୁ ଏହା ବିପଦସଙ୍କୁଳ ହୋଇପଡିଛି ବୋଲି ସ୍ଥାନୀୟ କେତେକ ଲୋକ ବଲାଙ୍ଗୀର ଲୋକ ଅଦାଲତରେ ଉକ୍ତ ଗଛ କଟାଯିବାକୁ ଦାବି କରିଛନ୍ତି। ଏନେଇ ଲୋକ ଅଦାଲତରୁ ତାଙ୍କ ପାଖକୁ ନିର୍ଦ୍ଦେଶ ଆସିଛି ଓ ସେଠାରେ ଥିବା କିଛି ଗଛ ଯାହା ବିପଜ୍ଜନକ ଅବସ୍ଥାରେ ରହିଛି କେବଳ ତାହା କଟାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ଏହା ସହିତ ପ୍ରତିପୂରକ ବନୀକରଣ ପାଇଁ ମଧ କାମ କରାଯାଉଛି ବୋଲି କହିଥିଲେ।



ବଲାଙ୍ଗୀର ଡିଏଫ୍‌ଓଙ୍କୁ ଭେଟି ୟୁଥ୍ ଆକ୍ସନ କମିଟି ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ବଲାଙ୍ଗୀର ସହର**
- ଜଙ୍ଗଲ ନିଆଁକୁ ଆୟତ୍ତ କରିବା ଦାବି ଜଣାଇଲେ
- ରାସ୍ତା ପ୍ରଶସ୍ତୀକରଣ ପରେ ଗଛ ଲଗାଯାଉ ନ ଥିବାରୁ ଆପତ୍ତି ଉଠାଇଲେ

### କେନାଲରେ ପଡ଼ି ମହିଳା ମୃତ

**ବରଗଡ଼ ଅଫିସ୍,୨୯।୪**

ବରଗଡ଼ ଜିଲା ନୂଆଗଡ଼-ଦେହେରୀପାଲି ରାସ୍ତାକଡରେ ଯାଇଥିବା ପାତରପାଲି ମାଇନର କେନାଲରେ ପଡ଼ି ସୋମବାର ମଧ୍ୟାହ୍ନରେ ଜଣେ ବିବାହିତା ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ବରଗଡ଼ କଟାପାଲି ଗ୍ରାମର ସ୍ୱାଧୀନ ବିଭାରଙ୍କ ସ୍ତ୍ରୀ ପ୍ରଭାତୀ (୨୬)। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ସ୍ଥାନୀୟ ପୋଲିସ ତଦନ୍ତ କରୁଛି। ସୂଚନା ଅନୁସାରେ, ଭେଡ଼େନ ଥାନା ଅନ୍ତର୍ଗତ ଦେହେରୀପାଲି ଗ୍ରାମର ଦୀନ ଭେସ୍ରାଙ୍କ ଝିଅ ପ୍ରଭାତୀ ବରଗଡ଼ କଟାପାଲି ଗ୍ରାମର ସ୍ୱାଧୀନ ବିଭାରଙ୍କୁ ବିବାହ କରିଥିଲେ। ତାଙ୍କ ଦୁଇଟି ସନ୍ତାନ ଅଛନ୍ତି। ପ୍ରଭାତୀ ସ୍ୱାମୀ ଏବଂ ଦୁଇ ସନ୍ତାନଙ୍କ ସହିତ ବସ୍ ଯୋଗେ ନିଜ ବାପଘର ଦେହେରୀପାଲିକୁ ଆସୁଥିଲେ। ସେମାନେ ଗାଁ ମୁଣ୍ଡରେ ବସ୍‌ରୁ ଓହ୍ଲାଇ ଚାଲି ଚାଲି ସେଠାକୁ ଯାଉଥିଲେ। ବାଟରେ ପ୍ରଭାତୀ କେନାଲକୁ ଶୌଚ ପାଇଁ ଯାଇ ସେଠାରେ ପଡ଼ି ଯାଇଥିଲେ। ସ୍ୱାମୀ ଏବଂ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଭେଡ଼େନ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ବରଗଡ଼ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜଳଉତ୍ସଗୁଡିକର ପୁନରୁଦ୍ଧାର ହେଉନି

**ସୋନପୁର,୨୯।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଏବେ ନିଆଁ ବର୍ଷୁଛି। ଅବସ୍ଥା ଅସମ୍ଭାଳ ହେଲାଣି। ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବଢି ଚାଲିଛି। ବର୍ଷାର ନାଁ ଗନ୍ଧ ନାହିଁ। ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ସୋମବାର ପାରଦ ୪୩.୨ ଡିଗ୍ରୀ ଛୁଇଁଛି। ଖରାର ପ୍ରକୋପ ସାଙ୍ଗକୁ ଝାଞ୍ଜିମାଡ ସ୍ଥିତିକୁ ଅଧିକ ସଙ୍ଗୀନ କରିଛି। ସକାଳ ୯ଟାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ଝାଞ୍ଜି ପବନ ଅସହ୍ୟ ହୋଇପଡୁଛି। ଏଭଳି ପରିସ୍ଥିତିରେ ଗ୍ରାମାଞ୍ଚଳରେ ଲୋଭୋଲଟେଜ୍, ପାନୀୟ ଜଳ ସମସ୍ୟା ଜନସାଧାରଣଙ୍କ ଦୁଃଖକୁ ଦ୍ୱିଗୁଣିତ କରୁଛି। ଅଧିକାଂଶ ନଳକୂପ ଓ ଜଳ ଯୋଗାଣ ପ୍ରକଳ୍ପ ଅଚଳ ରହିଛି। ସେଗୁଡିକୁ ସଜଡା ଯାଉନି। ଏଥିପ୍ରତି ଜିଲା ପ୍ରଶାସନର ସାମାନ୍ୟ ଦୃଷ୍ଟି ନାହିଁ। ଜିଲାରେ ଆବଶ୍ୟକତାଠାରୁ କମ୍ ଜଙ୍ଗଲ ରହିଛି। ମାତ୍ର ବନୀକରଣ ସଠିକ୍ ଢଙ୍ଗରେ ହେଉନି। ରାସ୍ତା ଓ କୋଠାବାଡି ନିର୍ମାଣ ପାଇଁ ପୁରୁଣା ଗଛଗୁଡିକୁ କାଟି ଦିଆଯାଉଛି। ବ୍ୟାପକ ବନୀକରଣ ଓ ପାରମ୍ପରିକ ଜଳଉତ୍ସର ପୁନରୁଦ୍ଧାର ପ୍ରତି ଗୁରୁତ୍ୱ ଦିଆଯାଉନି। ପୁଣି ବେଆଇନ ଭାବେ ଇଟାଭାଟି ପୋଡାଯିବା ଯୋଗୁଁ ତାତି ବଢୁଛି। ନଦୀରେ ଜଳସ୍ତର ହ୍ରାସ ପାଇବାରୁ ବିସ୍ତୀର୍ଣ୍ଣ ବାଲୁକା ରାଶି ଓ ପ୍ରସ୍ତର ଖଣ୍ଡ ତାତିକୁ ବଢାଉଛି। ମହାନଦୀର ଖଇରମାଳ ଠାରେ ପ୍ରସ୍ତାବିତ ବ୍ୟାରେଜ୍ ନିର୍ମାଣ ହେଲେ ଜଳସେଚନ, ମତ୍ସ୍ୟ ଚାଷ ସହ ସହରର ତାପମାତ୍ରା ହ୍ରାସ ପଆନ୍ତା। ମାତ୍ର ସରକାର ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷେ ଗ୍ରୀଷ୍ମ ପ୍ରବାହ ଆଶାତୀତ ଭାବେ ବୃଦ୍ଧି ପାଇଥିବା ବେଳେ ଜଳଛତ୍ର ପର୍ଯ୍ୟାପ୍ତ ଭାବେ ଖୋଲିନାହିଁ। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଗାଁ ଗଣ୍ଡାରେ ଥିବା ଜଳାଶୟଗୁଡିକ ଶୁଷ୍କ ହୋଇ ପଡିଛି। ଭୂତଳ ଜଳସ୍ତର ହ୍ରାସ ଯୋଗୁଁ ଅନେକ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ସୃଷ୍ଟି ହୋଇଛି। ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର ପରେ ଅଚଳ ନଳକୂପଗୁଡିକ ମରାମତି ହେଉନାହିଁ। ଯନ୍ତ୍ରାଂଶ ନଥିବା ଦର୍ଶାଯାଉଛି। ତାତିରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିସାରିଛି। ତେଣୁ ଜିଲାବାସୀ ଏହି ଅସହ୍ୟ ତାତି ଓ ଗୁଲୁଗୁଲିରେ ସିଝିବେ। ସ୍ଥିତି ଆହୁରି ଉଗ୍ର ରୂପ ଧାରଣ କରିବା ସ୍ପଷ୍ଟ ହୋଇଗଲାଣି। ବିଦ୍ୟୁତ୍ ସରବରାହକୁ ସ୍ଥିର ରଖିବା, ପର୍ଯ୍ୟାପ୍ତ ଭାବେ ଜଳଛତ୍ର ଖୋଲିବା, ଅଚଳ ନଳକୂପ ଗୁଡିକୁ ସଜାଡିବା ଓ ଗାଇଗୋରୁ ଆଦି ଗୃହପାଳିତ ପଶୁଙ୍କ ପିଇବା ପାଇଁ ଜଳଯୋଗାଣ ବ୍ୟବସ୍ଥା ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବାକୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

### ଇଭିଏମକୁ ବାତ୍ୟା ଭୟ: ସୁରକ୍ଷା ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୪(ବ୍ୟୁରୋ)**

ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବଚାନ ସୋମବାର ଶେଷ ହୋଇଛି। ଇଭିଏମଗଡ଼ିକୁ କିପରି ସୁରକ୍ଷିତ ରଖାଯାଇ ପାରିବ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଏବେ ସେହି ଚିନ୍ତା ଘାରିଛି। ଗୋଟିଏ ପଟେ ଇଭିଏମ ସୁରକ୍ଷା ନେଇ ବିଭିନ୍ନ ରାଜନୈତିକ ଦଳ ସିଇଓଙ୍କୁ ଗୁହାରି କରୁଥିବାବେଳେ ଅନ୍ୟ ପଟେ ଓଡ଼ିଶା ମୁହାଁ ସମ୍ଭାବ୍ୟ ବାତ୍ୟା 'ଫନୀ' ଚିନ୍ତା ବଢ଼ାଇ ଦେଇଛି। ଆସନ୍ତା ମେ ୩ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟା ଗୋପାଳପୁର ଓ ପୁରୀ ମଧଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ସମ୍ଭାବ୍ୟ ବାତ୍ୟା ପ୍ରଭାବରୁ ଇଭିଏମଗୁଡ଼ିକୁ କିପରି ସୁରକ୍ଷିତ କରାଯାଇ ପାରିବ ସେ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲାପାଳଙ୍କ ସହ ଆଲୋଚନ କରିଛନ୍ତି। ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସିଇଓ କହିଛନ୍ତି।

### ଜେଇଇ ମେନ୍ ଫାଇନାଲ ଫଳ ପ୍ରକାଶ

**ଭୁବନେଶ୍ୱର, ୨୯।୪(ବ୍ୟୁରୋ)**

- ଦିଲ୍ଲୀର ଶୁଭନ ଶ୍ରୀବାସ୍ତବ ପ୍ରଥମ
- ପ୍ରତୀକ ଚୌଧୁରୀ ଓଡ଼ିଶା ଟପ୍ପର

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ୨୦୧୯ ଜେଇଇ ମେନ୍‌ର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାର ଚୂଡ଼ାନ୍ତ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହୋଇଥିବା ଏହି ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟରେ ୯,୩୫,୭୪୧ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଉଭୟ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଜେଇଇ ମେନ୍‌ରେ ୨୪ଜଣ ଛାତ୍ରୀଛାତ୍ର ୧୦୦ ଏନ୍‌ଟିଏ ସ୍କୋର୍ କରିଛନ୍ତି। ୬,୦୮,୪୪୦ ଛାତ୍ରୀଛାତ୍ର ଉଭୟ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୨,୯୭,୯୩୨ଜଣ ପ୍ରଥମ ପର୍ଯ୍ୟାୟଠାରୁ ଭଲ ପ୍ରଦର୍ଶନ କରିଛନ୍ତି। ଏଥର କଟ୍ ଅଫ୍ ୮୯.୭୫ ପର୍ସେଣ୍ଟାଇଲ ରହିଛି। ପ୍ରଥମରେ ଦିଲ୍ଲୀର ଶୁଭନ ଶ୍ରୀବାସ୍ତବ ରହିଥିବା ବେଳେ ଦ୍ୱିତୀୟରେ କର୍ନାଟକର କେଭିନ ମାର୍ଟିନ, ତୃତୀୟରେ ମଧ୍ୟପ୍ରଦେଶରେ ଧ୍ରୁବ୍ ଅରୋରା, ଚତୁର୍ଥରେ ପଞ୍ଜାବର ଜୟେସ ସିଙ୍ଗ୍‌ଲା, ପଞ୍ଚମରେ ତେଲେଙ୍ଗାନାର ବାଡେପାଟି କାର୍ତ୍ତିକେୟ ରହିଛନ୍ତି। ରାଜସ୍ଥାନର କୋଟାରେ ରହି କୋଚିଂ ନେଉଥିବା ଓଡ଼ିଶାର ସମ୍ବିତ ବେହେରା ସେଠାରେ ପରୀକ୍ଷା ଦେଇଥିବା ବେଳେ ୧୧ନମ୍ବର ସ୍ଥାନରେ ରହିଛନ୍ତି। ତେବେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ପ୍ରତୀକ ଚୌଧୁରୀ ଓଡ଼ିଶା ଟପ୍ପର ହୋଇଛନ୍ତି। ସୂଚନାଯୋଗ୍ୟ, ଏନ୍‌ଟିଏ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପ୍ରଥମଥର ପାଇଁ କମ୍ପ୍ୟୁଟର୍ ବେସ୍‌ଡ ଟେଷ୍ଟ(ସିବିଟି) ମୋଡ୍‌ରେ ହୋଇଥିଲା। ଜାନୁୟାରୀ ୮ରୁ ୧୨ ମଧରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଜେଇଇ ମେନ୍ ଏପ୍ରିଲ ୭ରୁ ୧୨ ମଧରେ ସିବିଟି ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା।

# କଇଁତରା ରାମଲୀଳା ଉଦ୍‌ଯାପିତ

**ବିନିକା, ୨୯।୪ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇଁତରା ରଘୁନାଥ ମନ୍ଦିରରେ ଚାଲିଥିବା ରାମଲୀଳା ମହୋତ୍ସବ ରାବଣ ବଧ ଓ ରାମଚନ୍ଦ୍ରଙ୍କ ଅଭିଷେକ ସହିତ ଉଦ୍‌ଯାପିତ ହୋଇଯାଇଛି। ରାମଲୀଳାର ବିଭିନ୍ନ ରଜନୀରେ ରାମଜନ୍ମ, ସୀତା ବିବାହ, ସୀତା ଚୋରୀ, ରାମ ବନବାସ, ବାଳି ବଧ, ଲଙ୍କା ଦହନ, ଇନ୍ଦ୍ରଜିତ ବଧ ଆଦି ମଞ୍ଚସ୍ଥ ହୋଇଥିଲା। ରାମଲୀଳାରେ କଣ୍ଠଦାନ କରିଥିଲେ ରବିନ ପଟ୍ଟନାୟକ। ପୂଜକ ଦାୟିତ୍ୱ ତୁଲାଇଥିଲେ ବିକାଶ ବିଶି।

# ବିଦ୍ୟୁତ୍ ବିଭ୍ରାଟ, ଆନ୍ଦୋଳନ ଚେତାବନୀ



ବିଦ୍ୟୁତ୍ ବିଭ୍ରାଟର ସ୍ଥାୟୀ ପ୍ରତିକାର ଦାବିରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

**ବରଗଡ଼ ଅଫିସ୍,୨୯।୪**

ବରଗଡ଼ ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଏଭଳି ବିଦ୍ୟୁତ୍ କାଟ୍ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ଏଥିପାଇଁ ସାଧାରଣରେ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ସାମାଜିକ ଅନୁଷ୍ଠାନ ଫାଇଟ୍ ଅନ୍ ରାଇଟ୍(ଫର୍) ପକ୍ଷରୁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ୱେସ୍କୋର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ମଧ୍ୟ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଦ୍ୟୁତ ବିଭ୍ରାଟର ସ୍ଥାୟୀ ପ୍ରତିକାର ପାଇଁ ସ୍ମାରକପତ୍ରରେ ଦାବି ହୋଇଛି। ନଚେତ ବିଲଛାଡ୍ ଆନ୍ଦୋଳନ ପାଇଁ ବିଦ୍ୟୁତ ଉପଭୋକ୍ତାମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଦୀର୍ଘ ସମୟଧରି ବିଦ୍ୟୁତ କାଟ୍ ଏବଂ ଲୋ ଭୋଲଟେଜ୍ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟଜଳଠାରୁ ଆରମ୍ଭ କରି ଚାଷୀଙ୍କ କ୍ଷେତକୁ ଉଠାଜଳସେଚନ କ୍ଷେତ୍ରରେ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ସେହିପରି ଲୋ ଭୋଲଟେଜ୍ ଯୋଗୁ କୁଲର, ପଙ୍ଖା ଆଦି ଚାଲୁ ନାହିଁ। ଏଭଳି ବିଦ୍ୟୁତ ବିଭ୍ରାଟ ଲାଗି ରହିଲେ ଅଂଶୁଘାତ ଆଶଙ୍କା ରହିଛି। ଏହାସହ ଜମିକୁ ପାଣି ନ ମାଡିଲେ ଫସଲକ୍ଷତି ହେବା ସମ୍ଭାବନା ଅଛି। ଫଳରେ ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ଫର୍‌ର ସଭାପତି ଦେବବ୍ରତ ମିଶ୍ରଙ୍କ ନେତୃତ୍ୱରେ ଶେଖ ନଜିମୁଦ୍ଦିନ, ଭୀଷ୍ମଦେବ ଦୋରା ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଗାୟତ୍ରୀ ପରିବାରର କନ୍ୟା କୌଶଳ ଶିବିର ଉଦ୍‌ଯାପିତ
# ମହିଳାଙ୍କ ବିକାଶ ପ୍ରଗତିର ମୂଳମନ୍ତ୍ର

**ବଲାଙ୍ଗୀର ଅଫିସ, ୨୯।୪**

ମହିଳାଙ୍କ ବିନା ସହଯୋଗରେ କୌଣସି ସଭ୍ୟତା ତିଷ୍ଠି ପାରିନାହିଁ। ଆଧୁନିକ ଭାରତବର୍ଷରେ ମଧ ମହିଳାମାନେ ସେମାନଙ୍କ ଅଦମ୍ୟ ପରାକାଷ୍ଠା ଦେଖାଇ ବିଶ୍ୱବାସୀଙ୍କୁ ଚମତ୍କୃତ କରିଆସୁଛନ୍ତି। ଏଭଳି ସମୟରେ ଭାରତୀୟ ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କୁ ହେୟ ମନେ କରିବାର ଧୃଷ୍ଟତା ସମଗ୍ର ଦେଶ ଓ ସମାଜ ପାଇଁ ହାନୀକାରକ। ଯେଉଁ ସମାଜରେ ମହିଳାମାନେ ଯେତେ ସ୍ୱାଧୀନଚେତା ଓ ସମ୍ମାନର ଅଧିକାରୀ ସେହି ସମାଜ ସେତେ ଉନ୍ନତ। ମହିଳାଙ୍କ ବିକାଶରେ ହିଁ ଦେଶ ପ୍ରଗତିର ମୂଳମନ୍ତ୍ର ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବିଶ୍ୱାତ୍ମ ଚେତନା ପରିଷଦ ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଜିଲାସ୍ତରୀୟ କନ୍ୟା କୌଶଳ ଶିବିର ଉଦ୍‌ଯାପନୀ ଉତ୍ସବରେ ପ୍ରକାଶ କରିଛନ୍ତି। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବଲାଙ୍ଗୀର ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରିଦିବସୀୟ କନ୍ୟା କୌଶଳ ଶିବିର ଅଗ୍ରସେନ ଭବନରେ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ଦୁର୍ନୀତି ବିଭାଗ ଡିଏସ୍‌ପି କାଦମ୍ବିନୀ ସାମଲ ଶିବିରାର୍ଥୀମାନଙ୍କ ଉଚିତ୍ ପ୍ରଶିକ୍ଷଣ ଓ ସମାଜର ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଉପରେ ଆଲୋକପାତ କରିଥିଲେ। ଗାୟତ୍ରୀ ଜିଲା ସଞ୍ଚୁକ୍ତ ସମନ୍ୱୟ ସମିତି ସଂଯୋଜକ ଉଦୟନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଛବିଳ ବଗର୍ତ୍ତୀ ପରିଚାଳନା କରିଥିଲେ। ଗାୟତ୍ରୀ ସଂଯୋଜକ ରମାନନ୍ଦ ସାହୁ ଅନ୍ୟତମ ଅତିଥିଭାବେ ଯୋଗଦେଇ ଚଳିତବର୍ଷକୁ ନାରୀ ଜାଗରଣ ବର୍ଷ ଭାବେ ଗାୟତ୍ରୀ ସଂସ୍ଥା ବିଶ୍ୱସ୍ତରରେ ପାଳନ କରୁଥିବା ସୂଚନା ଦେଇଥିଲେ। ୪୩ ଡିଗ୍ରୀର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପ ସତ୍ତ୍ୱେ ୨୫୦ରୁ ଅଧିକ କନ୍ୟା ଶିବିରାର୍ଥୀ ଏଥିରେ ଯୋଗଦେବା ସେମାନଙ୍କ ଶକ୍ତିକୁ ସୂଚାଉଚି ବୋଲି ସେ କହିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାରରୁ ସିପ୍ରା କଶ୍ୟପଙ୍କ ତତ୍ତ୍ୱାବଧାନରେ ଆସିଥିବା ଟ୍ରଲିକୁ ନାରୀ ଜାଗରଣ ଜିଲା ସଂଯୋଜିକା ବୀଣାପାଣି ଆଚାର୍ଯ୍ୟଙ୍କ ନେତୃତ୍ୱରେ ସମ୍ମାନିତ କରାଯାଇଥିଲା। ଗାୟତ୍ରୀ ପରିବାରର ଦୁଇଜଣ ପରିଜନ ଶମ୍ଭୁପ୍ରସାଦ ଆଚାର୍ଯ୍ୟ ଓ ବାଉରୀବନ୍ଧୁ ସାହୁଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଏହି ଅବସରରେ ଆୟୋଜିତ ସଂସ୍କୃତ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଗାୟତ୍ରୀ ଜୋନ ଉପସଂଯୋଜକ ଶାନ୍ତନୁ ପାତ୍ର ଧନ୍ୟବାଦ ଦେଇଥିଲେ। ଶିବିରରେ ବଲାଙ୍ଗୀର, ବରଗଡ ଓ କଳାହାଣ୍ଡି ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଙ୍କ ସହ ଅନେକ କନ୍ୟାରତ୍ନ ଯୋଗ ଦେଇଥିଲେ।



ଗାୟତ୍ରୀ ପରିବାରର କନ୍ୟା କୌଶଳ ଶିବିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**୨୫୦ ଶିବିରାର୍ଥୀଙ୍କ ଯୋଗଦାନ**



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ



ଦବି ଯାଇଥିବା ନିର୍ମାଣାଧୀନ ନାଟ୍ୟ ମଣ୍ଡପ।

### ନିର୍ମାଣାଧୀନ ନାଟ୍ୟ ମଣ୍ଡପ ଦବିଲା

**ଲୋଇସିଂହା,୨୯।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଆମ ଗାଁ ଆମ ବିକାଶ ଅନୁଦାନ ଠିକାଦାର ପୋଷାରେ ପରିଣତ ହୋଇଛି। ଉକ୍ତ ଅନୁଦାନରେ କରାଯାଇଥିବା କାମଗୁଡିକ ଅତି ନିମ୍ନମାନର କରାଯାଇ ଅର୍ଥ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଛି। ଉକ୍ତ ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷରେ ୨ ଲକ୍ଷ ବ୍ୟୟ ଅଟକଳରେ ନାଟ୍ୟ ମଣ୍ଡପ ନିର୍ମାଣ କରାଯାଇଛି। ଲୋଇସିଂହା ଗ୍ରାମପଞ୍ଚାୟତ ପକ୍ଷରୁ ନିର୍ମାଣ କାମ ହାତକୁ ନିଆଯାଇଛି। ନାଟ୍ୟମଣ୍ଡପ ପିଣ୍ଡିରେ ବାଲି ବଦଳରେ ମାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ନିର୍ମାଣଧୀନ ଅବସ୍ଥାରେ ମଣ୍ଡପ ଫ୍ଲୋରିଂ ଦବି ଯାଉଥିବା ଅନୁଷ୍ଠାନ ସଦସ୍ୟ ସରୋଜ ବିଶ୍ୱାଳ, ନିସାର ଅହମ୍ମଦ ନିସାର ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକସହକାରୀ ଯନ୍ତ୍ରୀ ବିଦ୍ୟାଧର ସାମଲ କହିଛନ୍ତି ଯେ, ଅଭିଯୋଗର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

### ତରଭାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ

**ତରଭା, ୨୯।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ସହରରେ ଗତ କିଛି ଦିନ ହେଲା ଅଗ୍ନିବର୍ଷା ହେଉଛି। ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ଉପରେ ରହୁଛି। ଫଳରେ ଗୁଳୁଗୁଳି ଯୋଗୁ ଲୋକେ ନାହିଁନ ଥିବା ଅସୁବିଧା ଭୋଗ କରୁଛନ୍ତି। ନିହାତି ଆବଶ୍ୟକନ ଥିଲେ ପୂର୍ବାହ୍ନ ୧୦ଟା ପରେ କେହି ଘରୁ ବାହାରୁ ନାହାନ୍ତି। ଅପରାହ୍ନ ୫ ଘଣ୍ଟା ଯାଏ ରାସ୍ତାଘାଟ ଶୁନଶାନ ହୋଇ ଯାଉଛି। ଗ୍ରୀମେ ପ୍ରବାହର ପ୍ରଭାବ ଦୈନିକ ଦୋକାନ ବଜାରର କାରବାର ଉପରେ ପଡୁଛି। ଆଖୁ ରସ, ଲସି ଓ ଥଣ୍ଡା ପାନୀୟ ଦୋକାନ ଗୁଡିକରେ ଭିଡ ଦେଖିବାକୁ ମିଳୁଛି। ଏସବୁ ସହ ଅଘୋଷିତ ବିଦ୍ୟୁତ୍ କାଟ୍ ଜନସାଧାରଣଙ୍କୁ ଅତିଷ୍ଠ କରୁଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଆଉ ଅଧିକ ଜଳଛତ୍ର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି।

### ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୃଦ୍ଧା ମୃତ

**ବିନିକା, ୨୯।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଚରଦା ପଞ୍ଚାୟତ ଅନ୍ତର୍ଗତ ଫୁଲମୁଠୀ ଗ୍ରାମରେ ସୋମବାର ସକାଳ ପ୍ରାୟ ୮ଟାରେ ଜନୈକ ବୃଦ୍ଧାଙ୍କ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତା ହେଲେ ସନ୍ଧ୍ୟା ନାଏକ(୬୦)। ପ୍ରାପ୍ତ ସୂଚନା ମତେ, ସୋମବାର ସକାଳେ ବିନିକା ବ୍ଲକ ମହାଦେବପାଲିଠାରେ ବିଦ୍ୟୁତ୍ ସବ୍‌ଷ୍ଟେଶନରୁ ଫୁଲମୁଠୀକୁ ଯାଇଥିବା ତାର କୌଣସି କାରଣରୁ ଛିଣ୍ଡି ରେଠାମାଳ ଆଡିରେ ପଡିଥିଲା। ଏହି ସମୟରେ ସକାଳ ପ୍ରାୟ ୮ଟାରେ ସ୍ନାନପ ପାଇଁ ଚୌକିଯୋର୍‌କୁ ଏହି ଆଡିଦେଇ ଯାଉଥିବା ସମୟରେ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଗାଁ ଲୋକେ ବିନିକା ବିଦ୍ୟୁତ୍ ବିଭାଗକୁ ଜଣାଇବା ପରେ ସରବାରାହ ବନ୍ଦ କରାଯାଇଥିଲା। ବିନିକା ପୋଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏ ନେଇ ବିନିକା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମଧୁବାବୁ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସମର୍ପିତ ଥିଲେ

**ତରଭା, ୨୯।୪(ଡି.ଏନ.ଏ.):** ତରଭା ଜେଏମଏଫସି କୋର୍ଟ ପରିସରରେ ତରଭା ଓକିଲ ସଂଘ ତରଫରୁ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ଅକ୍ଷୟ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ଦଶରଥ ମାହାଣା ମୁଖ୍ୟ ଅତିଥି, ସାନନ୍ଦ ବିହାରୀ ମହାପାତ୍ର ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଆଦିକନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ମଧୁବାବୁ ଓଡିଆ ସ୍ୱାଭିମାନର ପ୍ରତୀକ ଏବଂ ଉତ୍କଳ ସମ୍ମିଳନୀ ଗଠନ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୂଳଦୂଆ ପକାଇଥିଲେ। ସେ ଓଡିଆ ଜାତି ଓ ଭାଷାର ସୁରକ୍ଷା ପାଇଁ ସମର୍ପିତ ଥିଲେ ବୋଲି କହିଥିଲେ।

## ■ ଡିଏଫ୍‌ଓଙ୍କୁ ଭେଟିଲେ ୟୁଥ୍ ଆକ୍ସନ କମିଟି ସଦସ୍ୟ

# ବୃକ୍ଷରୋପଣ, ଗଛ ସୁରକ୍ଷା ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୨୯।୪**

**ବଲାଙ୍ଗୀର ସହର**

■ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ଦାବି ଜଣାଇଲେ

■ ରାସ୍ତା ପ୍ରଶସ୍ତୀକରଣ ପରେ ଗଛ ଲଗାଯାଉ ନ ଥିବାରୁ ଆପତ୍ତି ଉଠାଇଲେ

ବଲାଙ୍ଗୀର ସହର ତଥା ଜିଲାରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶେଷ କରି ଗ୍ରୀଷ୍ମଦିନରେ ନାହିଁ ନ ଥିବା ଅସୁବିଧା ହେଉଛି। ଜିଲାର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବା ସହ ପାନୀୟ ଜଳସ୍ରୋତ କମିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଜିଲାର ବିଭିନ୍ନ ସ୍ଥାନରେ ଅଧିକରୁ ଅଧିକ ବୃକ୍ଷରୋପଣ ଏବଂ ରାସ୍ତାକଡ ଗଛର ସୁରକ୍ଷା ଦାବି ନେଇ ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି ସଦସ୍ୟମାନେ ସୋମବାର ଡିଏଫ୍‌ଓ ସମୀର ଶତପଥୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ୟୁଥ୍ ଆକ୍ସନ କମିଟି ସଭାପତି ବିନୋଦ କାଲସାଏଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଡିଏଫ୍‌ଓ କାର୍ଯ୍ୟାଳୟକୁ ଯାଇ ଜିଲାରେ ବୃକ୍ଷରୋପଣ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। କିଛିବର୍ଷ ହେଲା ଜିଲାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ଜଙ୍ଗଲ ହ୍ରାସ ଅନ୍ୟତମ କାରଣ ପାଲିଟି ଥିବାବେଳେ ରାସ୍ତାଘାଟ ପ୍ରଶସ୍ତିକରଣ ଯୋଗୁଁ ବ୍ୟାପକ ଗଛ କଟାଯାଇଛି। ବନବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ହୋଇଥିବା ଜଙ୍ଗଲ ଓ ଗଛ ପାଇଁ ବନୀକରଣ କରାଯିବାର ନିୟମ ରହିଥିଲେ ମଧ୍ୟ ଏହା ଠିକ୍‌ଭାବେ କରାଯାଉ ନ ଥିବା ଅଭିଯୋଗ କରାଯାଇଥିଲା। ଏଭଳି ପରିସ୍ଥିତିରେ ଜଙ୍ଗଲ ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି ଆଲୋଚନା କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ରାସ୍ତାଘାଟ ଉନ୍ନତିକରଣ, ଦୋହରୀକରଣ ଓ ପ୍ରଶସ୍ତିକରଣ ଯୋଗୁଁ ଯେଉଁ ଗଛ କଟାଯାଇଛି ତା ପାଇଁ କେତେ ପରିମାଣର ଓ କେଉଁଠି ବନୀକରଣ କରାଯାଇଛି ବୋଲି ଡିଏଫ୍‌ଓଙ୍କୁ ପ୍ରଶ୍ନ କରିଥିଲେ। ବଲାଙ୍ଗୀର କଚେରୀ ଛକରୁ ପାଟଣାଗଡ ରାସ୍ତା ତିଆରି ହେବା ପୂର୍ବରୁ ପୂର୍ତ୍ତ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଗଛ ଲଗାଇବାକୁ ଚୁକ୍ତି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଠାରେ ବୃକ୍ଷରୋପଣ କରାଯାଇନାହିଁ। ସେହିପରି ଖଲିଆପାଲି-ବିଷ୍ଣୁମୁଣ୍ଡା ରାସ୍ତା, ସମ୍ବଲପୁର ରୋଡ, ସଦାଇପାଲି ସାଇଟ୍ ରାସ୍ତା, ରାଜେନ୍ଦ୍ର କଲେଜ ପାଟଣାଗଡ ରାସ୍ତା କଡରେ ଯେଉଁ ବୃକ୍ଷରୋପଣ କରାଯାଇଛି ଉଚିତ୍ ରକ୍ଷଣାବେକ୍ଷଣ ଅଭାବରୁ ଏହି ଗଛଗୁଡିକ ଠିକ୍‌ଭାବେ ବଢ଼ିପାରୁ ନ ଥିବା ଡିଏଫ୍‌ଓଙ୍କୁ ଅବଗତ କରିଥିଲେ। ସେହିପରି ସହରର ସୁଦପଡା ରାସ୍ତାକଡରେ ଥିବା ୨୨ଟି ଗଛକୁ କାଟିବା ପାଇଁ ଯୋଜନା ଚାଲିଥିବା ଜାଣିବା ପରେ ଏନେଇ ଡିଏଫ୍‌ଓଙ୍କ ସହ ଆଲୋଚନା କରିଥିଲେ। ଡିଏଫ୍‌ଓ ଶତପଥୀଙ୍କୁ ଦାବିପତ୍ର ଦେଇ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଜଙ୍ଗଲ ନଷ୍ଟ ହେଉଥିବା ଦର୍ଶାଇ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ କହିଥିଲେ। ଆଲୋଚନାରେ ଡିଏଫ୍‌ଓ ଶତପଥୀ ସୁଦପଡା ରାସ୍ତାକଡରେ ଥିବା ଗଛ ବହୁ ପୁରୁଣା ହୋଇଥିବାରୁ ଏହା ବିପଦସଙ୍କୁଳ ହୋଇପଡିଛି ବୋଲି ସ୍ଥାନୀୟ କେତେକ ଲୋକ ବଲାଙ୍ଗୀର ଲୋକ ଅଦାଲତରେ ଉକ୍ତ ଗଛ କଟାଯିବାକୁ ଦାବି କରିଛନ୍ତି। ଏନେଇ ଲୋକ ଅଦାଲତରୁ ତାଙ୍କ ପାଖକୁ ନିର୍ଦ୍ଦେଶ ଆସିଛି ଓ ସେଠାରେ ଥିବା କିଛି ଗଛ ଯାହା ବିପଜ୍ଜନକ ଅବସ୍ଥାରେ ରହିଛି କେବଳ ତାହା କଟାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ଏହା ସହିତ ପ୍ରତିପୂରକ ବନୀକରଣ ପାଇଁ ମଧ୍ୟ କାମ କରାଯାଉଛି ବୋଲି କହିଥିଲେ।



ବଲାଙ୍ଗୀର ଡିଏଫ୍‌ଓଙ୍କୁ ଭେଟି ୟୁଥ୍ ଆକ୍ସନ କମିଟି ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଫଲସାମାଲରେ ଆଦିବାସୀ ମେଳି

**ଲୋଇସିଂହା,୨୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ଆହ୍ୱାନକ୍ରମେ ଲୋଇସିଂହା ବ୍ଲକ ଆଦିବାସୀ ଅଧ୍ୟୁଷିତ ରତାଖଣ୍ଡି ପଞ୍ଚାୟତର ଫଲସାମାଲ ଗାଁରେ ଆଦିବାସୀ ମେଳି ଅନୁଷ୍ଠିତ ହୋଇଯାଇଛି। ସଂଘର ଲୋଇସିଂହା ବ୍ଲକ ସଭାପତି କାହ୍ନୁଚରଣ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ବନ୍ଦ, ନକଲି ଆଦିବାସୀଙ୍କୁ ଚାକିରିରୁ ବହିଷ୍କାର, ଅଣ ଆଦିବାସୀଙ୍କ ଜବରଦଖଲରେ ଥିବା ଜମି ଫେରସ୍ତ କରିବା, ଆଦିବାସୀ ଦଳିତ ନିର୍ଯାତନା ଆଇନ ଅନୁସାରେ ଆଦିବାସୀଙ୍କୁ ସୁରକ୍ଷା ପ୍ରଦାନ, ଦଳିତ ସଂରକ୍ଷଣ ଆଇନ ଅନୁସାରେ ଉଚ୍ଚ ଶିକ୍ଷାନୁଷ୍ଠାନରେ ୨୩ପ୍ରତିଶତ ସଂରକ୍ଷଣ, ଜଙ୍ଗଲ ଜମି ଅଧିକାର ଆଇନ ଅନୁସାରେ ପଟ୍ଟା ପ୍ରଦାନ, ଗାଁରେ ମଦ ଭାଟିଆ ବନ୍ଦ କରିବ, ଛାତ୍ରୀଛାତ୍ରଙ୍କୁ ମାଗଣାରେ ଉଚ୍ଚଶିକ୍ଷା ପ୍ରଦାନ ପ୍ରମୁଖ ଦାବି କରାଯାଇଥିଲା। ସତ୍ୟମ ଦଳପତି ସଭା ପରିଚାଳନା କରିଥିବାବେଳେ ସଭାରେ ଜିଲା ଉପସଭାପତି ଶ୍ୟାମସୁନ୍ଦର ଭୋଇ, ପଶ୍ଚିମ ଓଡିଶା ମହାସଚିବ ନିରଞ୍ଜନ ବିଶି, ସମ୍ପାଦକ ହେମେନ୍ଦ୍ର ହାଂସଦା, ପାଟଣାଗଡର ଧ୍ରୁବ ଧରୁଆ, ଲେକୁ ଧରୁଆ, ନିତ୍ୟ ମାଝି, ଥବିର ପୂଝାରୀ, ବନଲତା ମାଝି, ରାଜେନ୍ଦ୍ର ମାଝି, ଗୌରାଙ୍ଗ ବରିହା, ମହନ ପୁଟା, ବାଳକୃଷ୍ଣ ଧରୁଆ, ପ୍ରମୁଖ ଉଦ୍‌ବୋଧନ ରଖିଥିଲେ।

## ରାମଲୀଳା ମହୋତ୍ସବ ଉଦ୍‌ଯାପିତ

**ଲୋଇସିଂହା,୨୯।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା, ଗୁର୍ଜିଭଟା ଓ ପଣ୍ଡରାଣୀ ଗାଁରେ ଚାଲିଥିବା ରାମଲୀଳା ଉତ୍ସବ ଉଦଯାପିତ ହୋଇଯାଇଛି। ଯୋଗୀସର୍ଡା ଗ୍ରାମର ସର୍ବପୁରାତନ ଅନୁଷ୍ଠାନ ଦଧିବାମନ ରାମଲୀଳା କଳା ପରିଷଦ ପକ୍ଷରୁ ରାମନବମୀ ପୂର୍ବାହ୍ନରେ ୧୦୮ମହିଳା କଳସ ଶୋଭାଯାତ୍ରା କରି ନାଟ୍ୟ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପୂଜାପାଠ ଓ ହୋମଯଜ୍ଞ ଅନୁଷ୍ଠି ହୋଇଥିଲା। ପ୍ରତ୍ୟହ ରାତିରେ ରାମଜନ୍ମ, ସୀତାସ୍ୱୟଂବରରୁ ଆରମ୍ଭ କରି ରାବଣ ବଧ ଓ ରାମଙ୍କ ରାଜ୍ୟାଭିଷେକ ନାଟକ ଅନୁଷ୍ଠାନର କଳାକାରମାନେ ନିଖୁଣ ଭାବେ ପ୍ରଦର୍ଶନ କରିଥିଲେ। ସେହପରି ଗୁର୍ଜିଭଟା ଚୈତନ୍ୟ କଳାପରିଷଦର କଳାକାରମାନେ କୈବଲ୍ୟ ତରିଆ ଓ ଜଳ ତରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାମଲୀଳା ନାଟକ ପରିବେଷଣ କରିଥିଲେ। ସେହିପରି କୁଟେନପାଲି ପଞ୍ଚାୟତ ଅଧୀନ ପଣ୍ଡରାଣୀ ଗ୍ରାମର ୨୪ତମ ରାମଲୀଳା ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସ୍ୱର୍ଣ୍ଣ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମ୍ୟାନେଜର ଉପେନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟହ ରାତିରେ ନାଟକ ପରିବେଷଣ ହୋଇଥିଲା।



ଯୋଗୀସର୍ଡା ଦଧିବାମନ କଳା ପରିଷଦର କଳାକାରମାନେ।

## ଶିଶୁ ବଳାତ୍କାର ଘଟଣାକୁ ଆଦ୍ୟାଶକ୍ତି ନାରୀ ସଂଗଠନର ନିନ୍ଦା

**ବଲାଙ୍ଗୀର ଅଫିସ, ୨୯।୪**

ଆଦ୍ୟଶକ୍ତି ନାରୀ ସଂଗଠନ ତରଫରୁ ସମ୍ପାଦିକା କସ୍ତୁରୀ ରଥଙ୍କ ଅଧ୍ୟକ୍ଷତାରେ ମାଲପଡା ରାମସ୍ୱାମୀ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଶିଶୁକନ୍ୟାମାନଙ୍କ ଉପରେ ହେଉଥିବା ନିର୍ଯାତନାକୁ ନେଇ ନିନ୍ଦା କରାଯାଇଥିଲା। ସଭାରେ ତପସ୍ୱିନୀ ପଶାୟତ, ମାଳତୀ ଉଦ୍‌ଗାତା, ପଦ୍ମିନୀ ଗୁରୁ, ସବିତାରାଣୀ ମିଶ୍ର, ଜ୍ୟୋତ୍ସ୍ନା ଦାଶ, ନୀନା ପଣ୍ଡା, କବିତା ମିଶ୍ର, ଉମା ପଟେଲ, ବୀଣାପାଣି ଆଚାର୍ଯ୍ୟ, ଶୋଭାଗିନୀ ମହାଲିଙ୍ଗ, କୁସୁମ ଶତପଥି, ପ୍ରଭାତୀ ମିଶ୍ର, କୁମୋଦିନୀ ମିଶ୍ର ବକ୍ତବ୍ୟ ରଖି ଶିଶୁ ବଳାତ୍କାର ଓ ନାବାଳିକାଙ୍କ ପ୍ରତି ହେଉଥିବା ଅତ୍ୟାଚାରର ନିନ୍ଦା କରି ଦୋଷୀମାନଙ୍କୁ ଉଚିତ୍ ଶାସ୍ତି ଦେବା ପାଇଁ ଦାବି କରିଥିଲେ। କିଛିଦିନ ତଳେ ବଲାଙ୍ଗୀର ସଦର ଥାନା ଅଞ୍ଚଳର ଏକ ୩ ବର୍ଷର ଶିଶୁକନ୍ୟାକୁ ଜଣେ ୧୪ ବର୍ଷର ନାବାଳକ ବଳାତ୍କାର କରିବା ଘଟଣାକୁ ନିନ୍ଦା କରାଯାଇ ଏପରି ଘଟଣା ରୋକିବା ଦିଗରେ ପ୍ରଶାସନ ଓ ସଚେତନ ଗୋଷ୍ଠୀ ଆଗେଇ ଆସିବା ଉଚିତ୍ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ବିକାଶ କେନ୍ଦ୍ର ସଭାପତି ମଦନ ମୋହନ ରଥ ଉପସ୍ଥିତ ଥିଲେ। ଶେଷରେ ଆଦ୍ୟଶକ୍ତି ନାରୀ ସଂଗଠନର ସଭାନେତ୍ରୀ ରଞ୍ଜିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଆଇନ ସଚେତନତା ଶିବିର।

## ଆଇନ ସଚେତନତା ଶିବିର

**ବଲାଙ୍ଗୀର ଅଫିସ,୨୯।୪**

ବଲାଙ୍ଗୀର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସଦାଇପାଲିସ୍ଥିତ ସାଇଟ୍ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସିଭିଲ ଜଜ୍ ସିନିଅର ଡିଭିଜନ୍ ପ୍ରଭାକର ଗଣ୍ଡିଆ, ଜୁଡିସିଆଲ ମାଜିଷ୍ଟ୍ରେଟ୍ (ପ୍ରଥମ) ଦିଲୀପ ବାରିକ, ସିଭିଲ ଜଜ୍ ତ୍ରିଜିଭ ନନ୍ଦ ଉପସ୍ଥିତ ରହି ଫୌଜଦାରୀ କାର୍ଯ୍ୟବିଧି ଆଇନ୍, ଏତଲା, ଜାମିନ୍, ସମନ୍ ଆଇନଗତ ଅଧିକାର ପାଇଁ ଆବେଦନ, ଅପିଲ, ଫୌଜଦାରୀ ଆଇନରେ ଥିବା ବ୍ୟବସ୍ଥା, ଜନ୍ମମୃତ୍ୟୁ ପଞ୍ଜୀକରଣ ଆଇନ୍, ସମ୍ପତ୍ତିଗତ ଅଧିକାର ବିଷୟରେ ସବିଶେଷ ଆଲୋଚନା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ ସଚିବ ଆଶାପୂର୍ଣ୍ଣା ମହାପାତ୍ର ଏହି ଶିବିରକୁ ପରିଚାଳନା କରିଥିଲେ। ଏହା ସହ ଫାଇନାଲ ରିପୋର୍ଟ, ପ୍ରୋଟେକ୍ଟ ପିଟିସନ୍, ଏତଲା ଦାଖଲରେ ବିଳମ୍ବ ଓ ଏହାର ପରିଣାମ, ଫୌଜଦାରୀ ଆଇନ୍‌ରେ ଥିବା ଅପିଲ ବ୍ୟବସ୍ଥା ଉପରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ସାଇଟ୍ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର, ସାଇଟ୍ ନର୍ସିଂ କଲେଜ ଅଧ୍ୟକ୍ଷା ସ୍ନିଗ୍ଧା ମିନତୀ ଦାନୀ, ସାଇଟ୍ ଡିପ୍ଲୋମା କଲେଜ ଅଧ୍ୟକ୍ଷା ନମିତା ପଟେଲ ଉପସ୍ଥିତ ଥିଲେ। ଶିବିରରେ ନର୍ସିଂ ଓ ଡିପ୍ଲୋମା କଲେଜର ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପୋଷ୍ଟରରେ ମଠ ମହନ୍ତଙ୍କୁ ଗାଁ ଛାଡ଼ିବାକୁ ଚେତାବନୀ



ପୋଲିସ ଜବତ କରିଥିବା ପୋଷ୍ଟର।

**ଲୋଇସିଂହା,୨୯।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଝାଙ୍କରପାଲି ଗ୍ରାମର ୩ଟି ସ୍ଥାନରେ ମାଓବାଦୀ ପୋଷ୍ଟର ଲାଗିଥିବା ସୋମବାର ସକାଳେ ଗ୍ରାମବାସୀ ଦେଖିଥିଲେ। ସେହି ପୋଷ୍ଟରରେ ଗାଁ ମଠ ମହନ୍ତଙ୍କୁ ଗାଁ ଛାଡି ଚାଲିଯିବାକୁ କୁହାଯାଇଛି। ଝାଙ୍କରପାଲି ଗ୍ରାମବାସୀ ଯଦି ସେମାନଙ୍କୁ ନ ତଡିବେ ତେବେ ମହନ୍ତ ଏବଂ ଗ୍ରାମର ମୁଖ୍ୟ ଲୋକଙ୍କମାନଙ୍କୁ ହତ୍ୟା କରିବୁ ବୋଲି ଚେତାବନୀ ଦିଆଯାଇଛି। ଏହି ଘଟଣା ପରେ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ପରେ ସାଲେଭଟା ଫାଣ୍ଡି ପୋଲିସ ଗାଁକୁ ଯାଇ ପୋଷ୍ଟର ସବୁ ଜବତ କରିଥିଲା। ପୋଷ୍ଟରରେ ଓଡିଆ ଲେଖା ହୋଇଥିବା ଏବଂ ସଂଗଠନର ନାମ ନ ଥିବାରୁ ମାଓବାଦୀଙ୍କ ନାଁରେ କେହି ଗ୍ରାମବାସୀଙ୍କୁ ଭୟଭୀତ କରୁଥିବା ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଲୋଇସିଂହା ଥାନା ଏସଆଇ ଜେ.କେ ମହାନ୍ତିଙ୍କୁ ପଚାରିବାରୁ କହିଛନ୍ତି ଯେ, ମାଓବାଦୀମାନେ ପ୍ରାୟତଃ ପୋଷ୍ଟରରେ ହିନ୍ଦୀ ଓ ତେଲଗୁରେ ଲେଖିଥାନ୍ତି। ଏଠି ଓଡିଆରେ ଲେଖିବା ଘଟଣା ସନ୍ଦେହ ସୃଷ୍ଟି କରିଛି। ମଠ ଦାନ ଜମିକୁ ନେଇ ଏକ ବିବାଦ ରହିଛି। ଏହା ହିଁ କାରଣ ହୋଇପାରେ। ତେଣୁ ଏହି ପୋଷ୍ଟରକୁ ନେଇ ଭୟଭୀତ ନ ହେବାକୁ ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି।

## ■ ଗାୟତ୍ରୀ ପରିବାରର କନ୍ୟା କୌଶଳ ଶିବିର ଉଦ୍‌ଯାପିତ

# ମହିଳାଙ୍କ ବିକାଶ ପ୍ରଗତିର ମୂଳମନ୍ତ୍ର

**ବଲାଙ୍ଗୀର ଅଫିସ, ୨୯।୪**

ମହିଳାଙ୍କ ବିନା ସହଯୋଗରେ କୌଣସି ସଭ୍ୟତା ତିଷ୍ଠି ପାରିନାହିଁ। ଆଧୁନିକ ଭାରତବର୍ଷରେ ମଧ୍ୟ ମହିଳାମାନେ ସେମାନଙ୍କ ଅଦମ୍ୟ ପରାକାଷ୍ଠା ଦେଖାଇ ବିଶ୍ୱବାସୀଙ୍କୁ ଚମତ୍କୃତ କରିଆସୁଛନ୍ତି। ଏଭଳି ସମୟରେ ଭାରତୀୟ ମହିଳାମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କୁ ହେୟ ମନେ କରିବାର ଧୃଷ୍ଟତା ସମଗ୍ର ଦେଶ ଓ ସମାଜ ପାଇଁ ହାନୀକାରକ। ଯେଉଁ ସମାଜରେ ମହିଳାମାନେ ଯେତେ ସ୍ୱାଧୀନଚେତା ଓ ସମ୍ମାନର ଅଧିକାରୀ ସେହି ସମାଜ ସେତେ ଉନ୍ନତ। ମହିଳାଙ୍କ ବିକାଶରେ ହିଁ ଦେଶ ପ୍ରଗତିର ମୂଳମନ୍ତ୍ର ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବିଶ୍ୱାତ୍ମ ଚେତନା ପରିଷଦ ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ଜିଲାସ୍ତରୀୟ କନ୍ୟା କୌଶଳ ଶିବିର ଉଦ୍‌ଯାପନୀ ଉତ୍ସବରେ ପ୍ରକାଶ କରିଛନ୍ତି। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବଲାଙ୍ଗୀର ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରିଦିବସୀୟ କନ୍ୟା କୌଶଳ ଶିବିର ଅଗ୍ରସେନ ଭବନରେ ସୋମବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ଦୁର୍ନୀତି ବିଭାଗ ଡିଏସ୍‌ପି କାଦମ୍ବିନୀ ସାମଲ ଶିବିରାର୍ଥୀମାନଙ୍କ ଉଚିତ ପ୍ରଶିକ୍ଷଣ ଓ ସମାଜର ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଉପରେ ଆଲୋକପାତ କରିଥିଲେ। ଗାୟତ୍ରୀ ଜିଲା ସଞ୍ଜୁକ୍ତ ସମନ୍ୱୟ ସମିତି ସଂଯୋଜକ ଉଦୟନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଛବିଳ ବଗର୍ତ୍ତୀ ପରିଚାଳନା କରିଥିଲେ। ଗାୟତ୍ରୀ ସଂଯୋଜକ ରମାନନ୍ଦ ସାହୁ ଅନ୍ୟତମ ଅତିଥିଭାବେ ଯୋଗଦେଇ ଚଳିତବର୍ଷକୁ ନାରୀ ଜାଗରଣ ବର୍ଷ ଭାବେ ଗାୟତ୍ରୀ ସଂସ୍ଥା ବିଶ୍ୱସ୍ତରରେ ପାଳନ କରୁଥିବା ସୂଚନା ଦେଇଥିଲେ। ୪୩ ଡିଗ୍ରୀର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପ ସତ୍ତ୍ୱେ ୨୫୦ରୁ ଅଧିକ କନ୍ୟା ଶିବିରାର୍ଥୀ ଏଥିରେ ଯୋଗଦେବା ସେମାନଙ୍କ ଶକ୍ତିକୁ ସୂଚାଉଚି ବୋଲି ସେ କହିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାରରୁ ସିପ୍ରା କଶ୍ୟପଙ୍କ ତତ୍ତ୍ୱାବଧାନରେ ଆସିଥିବା ଟ୍ରଲିକୁ ନାରୀ ଜାଗରଣ ଜିଲା ସଂଯୋଜିକା ବୀଣାପାଣି ଆଚାର୍ଯ୍ୟଙ୍କ ନେତୃତ୍ୱରେ ସମ୍ମାନିତ କରାଯାଇଥିଲା। ଗାୟତ୍ରୀ ପରିବାରର ଦୁଇଜଣ ପରିଜନ ଶମ୍ଭୁପ୍ରସାଦ ଆଚାର୍ଯ୍ୟ ଓ ବାଉରୀବନ୍ଧୁ ସାହୁଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଏହି ଅବସରରେ ଆୟୋଜିତ ସଂସ୍କୃତ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଗାୟତ୍ରୀ ଜୋନ ଉପସଂଯୋଜକ ଶାନ୍ତନୁ ପାତ୍ର ଧନ୍ୟବାଦ ଦେଇଥିଲେ। ଶିବିରରେ ବଲାଙ୍ଗୀର, ବରଗଡ ଓ କଳାହାଣ୍ଡି ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଙ୍କ ସହ ଅନେକ କନ୍ୟାରତ୍ନ ଯୋଗ ଦେଇଥିଲେ।



ଗାୟତ୍ରୀ ପରିବାରର କନ୍ୟା କୌଶଳ ଶିବିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**୨୫୦ ଶିବିରାର୍ଥୀଙ୍କ ଯୋଗଦାନ**



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



# ପ୍ରଚଣ୍ଡ ତାପରେ ସିଝୁଛି ସୁନ୍ଦରଗଡ଼

- ପାଣି ପାଇଁ ଲୋକେ ଡହକ ବିକଳ
- ଭାଙ୍ଗିଲା ଇବ୍ ନଦୀର ବାଲିବନ୍ଧ

**ସୁନ୍ଦରଗଡ଼,୨୯।୪(ଡି.ଏନ୍.ଏ.)**

ଡହ ଡହ ଖରା ତାତିରେ ସିଝୁଛି ସୁନ୍ଦରଗଡ଼। ସୋମବାର ସୁନ୍ଦରଗଡ଼ ସହରର ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ ଥିବା ଜିଲା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ରେକର୍ଡ କରାଯାଇଛି। ଦିନେ ସବୁଜ ବୃକ୍ଷରାଜିର ଶୀତଳ ଛାୟାରେ ସୁନ୍ଦରଗଡ଼ବାସୀ ଗ୍ରୀଷ୍ମର ପ୍ରକୋପକୁ ଜାଣିପାରୁ ନ ଥିଲେ। ହେଲେ ଗତ କିଛିବର୍ଷ ହେବ ସହରର ରାସ୍ତାଘାଟ ପ୍ରଶସ୍ତୀକରଣ, କୋଠାବାଡ଼ି ନିର୍ମାଣ ଯୋଗୁ ସବୁଜ ବଳୟ ନିଶ୍ଚିହ୍ନ ହୋଇଯାଇଛି। ରାଉରକେଲା-ସମ୍ବଲପୁର ରାସ୍ତା ନବୀକରଣ ପାଇଁ ଶହ ଶହ ଗଛ କଟାଯାଇଥିଲେ ହେଁ ନୂତନ ଚାରା ରୋପଣ ପାଇଁ ପଦକ୍ଷେପ ନିଆଯାଇନାହିଁ। ଫଳରେ ଗ୍ରୀଷ୍ମ ପ୍ରକୋପ ପୂର୍ବବର୍ଷଗୁଡ଼ିକ ତୁଳନାରେ ଅଧିକ ଅନୁଭୂତ ହେଉଛି। ଏପ୍ରିଲ ୨୨ ତାରିଖଠାରୁ ସୁନ୍ଦରଗଡ଼ ସହରର ସର୍ବୋଚ୍ଚ ତାପମାତ୍ରା କ୍ରମଶ ବୃଦ୍ଧି ପାଉଛି। ଜିଲା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଏପ୍ରିଲ ୨୨ରେ ସହରର ତାପମାତ୍ରା ୩୮ଡିଗ୍ରୀ ସେଲସିୟସ ଥିଲା। ୨୩ରେ ଏହା ବୃଦ୍ଧି ପାଇ ୩୯ ଡିଗ୍ରୀ, ୨୪ରେ ୪୦ ଡିଗ୍ରୀ, ୨୫ରେ ୪୧.୫ ଡିଗ୍ରୀ, ୨୬ରେ ୪୦.୫ ଡିଗ୍ରୀ, ୨୭ରେ ୪୨ ଡିଗ୍ରୀ, ୨୮ରେ ୪୧ ଡିଗ୍ରୀ ଓ ୨୯ ତାରିଖରେ ୪୦,୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜୀବନ ଦୁର୍ବିସହ ହୋଇପଡୁଥିବାବେଳେ ଜଳକଷ୍ଟ ସମସ୍ୟାକୁ ଦ୍ୱିଗୁଣିତ କରିଛି। ପାଣି ଟୋପେ ପାଇଁ ସବୁଠି ହାହାକାର। ସହରବାସୀଙ୍କ ଜୀବନରେଖା କୁହାଯାଉଥିବା ଇବ୍ ନଦୀର ଜଳଧାର ଖରାଦିନେ ଶୁଖିଯାଉଥିବା ବେଳେ ଲୋକେ ଗାଧୁଆପାଧୁଆ ପାଇଁ ବିଶେଷ ହଇରାଣ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ଅସ୍ଥାୟୀ ବାଲିବନ୍ଧ ନିର୍ମାଣ କରାଯାଇ ନଦୀଜଳ ସଂରକ୍ଷଣ କରାଯାଇଥାଏ। ମାତ୍ର ଗତ ସପ୍ତାହକ ତଳେ ଅଦିନିଆ ବର୍ଷାରେ ବାଲିବନ୍ଧ ଭାଙ୍ଗିଯିବା ଯୋଗୁ ଲୋକେ ହଇରାଣ ହେଉଛନ୍ତି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସହରର ସମସ୍ତ ଅଞ୍ଚଳକୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇନାହିଁ। ସହରବାସୀଙ୍କୁ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ଜିଲା ଖଣିଜ ପାଣ୍ଠିରୁ ୨ ପର୍ଯ୍ୟାୟରେ ୪୧.୭୫ କୋଟି ଏବଂ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ୮ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥରେ ସହରରେ ୪୦ କିଲୋମିଟର ପାଇପ୍ ବିଛା କାମ ହୋଇଛି। ଏଥିସହ ୭୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଜଳ ବିଶୋଧନାଗାର ନିର୍ମାଣ ହୋଇଛି। ହେଲେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ଚଳିତ ଗ୍ରୀଷ୍ମଋତୁରେ ଜଳଯୋଗାଣ ହୋଇପାରି ନାହିଁ। ସେହିପରି ଆଗାମୀ ୩୦ ବର୍ଷ ପାଇଁ ଜଳ ଯୋଗାଣ ବ୍ୟବସ୍ଥା ସକାଶେ ଜିଲା ପ୍ରଶାସନ ପକ୍ଷରୁ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଇବ୍ ନଦୀର ସତନାଦରହ ଘାଟରେ ପ୍ରସ୍ତାବିତ ବ୍ୟାରେଜ ନିର୍ମାଣ କାର୍ଯ୍ୟ କେବଳ ଫାଇଲ ମଧ୍ୟରେ ସୀମିତ ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହି ପ୍ରକଳ୍ପ ସକାଶେ ଏଷ୍ଟିମେଟ୍ ପ୍ରସ୍ତୁତ କରାଯାଇଥିବା ବେଳେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ନାହିଁ। ଏଭଳି ପରିସ୍ଥିତିରେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଜନଜୀବନ ଦୁର୍ବିସହ ହୋଇପଡୁଛି। ପ୍ରବଳ ଗରମ ଗୁଳୁଗୁଳିରେ ଫ୍ୟାନ୍, କୁଲରରୁ ତତଲା ପବନ ନିର୍ଗତ ହେଉଛି। ବର୍ତ୍ତମାନ ସୁଦ୍ଧା ଅଂଶୁଘାତରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବାରୁ ସରକାରୀ ଭାବେ ଏହାକୁ ସ୍ପଷ୍ଟ କରାଯାଇ ନାହିଁ। ସକାଳ ୯ଟା ନ ହେଉଣୁ ଖରା ପ୍ରକୋପ ବୃଦ୍ଧି ପାଉଛି। ତତଲା ପବନ ପ୍ରବାହିତ ହେବା ଦ୍ୱାରା ଦେହହାତ ପୋଡ଼ିଯାଉଛି। ପୂର୍ବାହ୍ନ ୧୧ଟା ବେଳକୁ ରାସ୍ତାଘାଟ ଶୂନଶାନ ହୋଇପଡୁଛି।



ପ୍ରଚଣ୍ଡ ଖରା ଯୋଗୁ ସୁନ୍ଦରଗଡ଼ ସହର ରାସ୍ତାଘାଟ ଶୂନଶାନ ହୋଇ ପଡ଼ିଥିବାବେଳେ ଜଣେ ସାଇକେଲ ଆରୋହୀ ମୁହଁରେ ଗାମୁଛା ବାନ୍ଧି ଯାଉଛନ୍ତି।

ଖରାରୁ ରକ୍ଷା ପାଇବା ପାଇଁ ଲୋକେ ମୁଣ୍ଡ ଓ ମୁହଁରେ ଗାମୁଛା ବାନ୍ଧିବା ସହ ଛତା ଧରି ଘରୁ ବାହାରୁଛନ୍ତି। ଏଭଳି ସ୍ଥିତିରେ ବିଭିନ୍ନ ଥଣ୍ଡା ପାନୀୟ ଦୋକାନରେ ଭିଡ଼ ଜମୁଛି। ଆଖୁରସ, ଦହି ସର୍ବତ, ଲସି, ଦହିବରା ବେପାର ବେଶ୍ ଜମୁଛି। ଅପରପକ୍ଷେ ଟାଣ ଖରାକୁ ଦୃଷ୍ଟିରେ ରଖି ଶ୍ରମିକଙ୍କୁ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମରେ ନିୟୋଜିତ ନ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ ଖାତିର ନ କରି ବହୁ ଠିକାଦାର ଓ ଘର ମାଲିକ ଶ୍ରମିକଙ୍କୁ କାର୍ଯ୍ୟରେ ଲଗାଉଥିବା ଦେଖାଯାଇଛି। ଶ୍ରମ ବିଭାଗ ସବୁ ଦେଖି ନ ଦେଖିଲା ଭଳି ଚୁପ୍ ବସିଛି। ଆଗାମୀ ଦିନରେ ଦର୍ଲିପାଲି ଓ ଭେଡ଼ାବାହାଲରେ ପ୍ରସ୍ତାବିତ ବୃହତ୍ ତାପଜ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୁନ୍ଦରଗଡ଼ର ତାପମାତ୍ରା ଆହୁରି ବୃଦ୍ଧି ପାଇବା ସମ୍ଭାବନା ରହିଛି। ଫଳରେ ପରିବେଶବିତ୍‌ମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ବ୍ୟାପକ ବନୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।



ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

**ସୁନ୍ଦରଗଡ଼,୨୯।୪(ଡି.ଏନ୍.ଏ.)**

ଶଙ୍କରାସ୍ଥିତ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଛି। ଓଡ଼ିଶା ଡିଏଭି ଇନ୍‌ଷ୍ଟିଚ୍ୟୁଶନ ଓଡ଼ିଶା ଜୋନ-୨ ଆଞ୍ଚଳିକ ନିର୍ଦ୍ଦେଶକ ଲୋକନାଥ ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପ୍ରତି ପ୍ରତିଯୋଗିତାମୂଳକ ପରିବେଶରେ ଛାତ୍ରୀଛାତ୍ର ନିଜକୁ ପ୍ରସ୍ତୁତ କରି ଶିକ୍ଷାକୁ ସମାଜର ଉନ୍ନତି ଓ ଦେଶର ବିକାଶ ପାଇଁ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଦୃଢ଼ ଆତ୍ମବିଶ୍ୱାସ, ପ୍ରଗାଢ଼ ଇଚ୍ଛାଶକ୍ତି, ନିରବଚ୍ଛିନ୍ନ ପ୍ରଚେଷ୍ଟା ଓ ନିଷ୍ଠାପର ଉଦ୍ୟମ ହିଁ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ଚାବିକାଠି ବୋଲି ସେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଟ୍ରଷ୍ଟି ନିମାଇଁ ଚରଣ ନାଏକ, ତାରାକାନ୍ତ ରକ୍ସା, ବେଣୁମାଧବ ତ୍ରିପାଠୀ ଏବଂ ରାଉରକେଲା ଡିଏଭି ପବ୍ଲିକ ସ୍କୁଲର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ହରପ୍ରିୟା ପଟେଲ ସଭାରେ ଅଧ୍ୟକ୍ଷତା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କାଉଟ ମାଷ୍ଟର ଅଶୋକ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ୯ ଛାତ୍ରଙ୍କୁ ୨୦୧୮-୧୯ ବର୍ଷ ପାଇଁ ରାଜ୍ୟ ପୁରସ୍କାର ମିଳିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କୋଲକାତାଠାରେ ପୂର୍ବାଞ୍ଚଳ ଜୋନ୍ ବିଜ୍ଞାନ ପ୍ରକଳ୍ପରେ ଶ୍ରେଷ୍ଠ ବିବେଚିତ ଛାତ୍ରୀ ରୁଦ୍ରାକ୍ଷୀ ନନ୍ଦଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସମାଜସେବା ପାଇଁ ସଂଘ ସଭାପତି ଡା. ହିମାଂଶୁ ଶେଖର ଗୁରୁ, ଶିବଶଙ୍କର ଭିତ୍ରିଆ ଏବଂ ନିଷ୍ଠାପର କାର୍ଯ୍ୟ ପାଇଁ ଶିକ୍ଷୟିତ୍ରୀ ନିବେଦିତା ଦତ୍ତ ଓ କବିତା ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଗୋପାଳ ପୁରୋହିତ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ସସ୍ମିତା ସାହୁ, ରଞ୍ଜନ ମହାପାତ୍ର, ରବି ସାହୁ, ମନୋଜ କେର୍କେଟା, ବଶିଷ୍ଠ ଠାକୁର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪୩.୪ ଡିଗ୍ରୀକୁ ଛୁଇଁଲା ବେଲପାହାଡ଼ ତାପମାତ୍ରା

**ବେଲପାହାଡ଼,୨୯।୪(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ସୋମବାର ତାପମାତ୍ରା ୪୩.୪ ଡିଗ୍ରୀକୁ ଛୁଇଁଛି। ଶୁକ୍ରବାର ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୬ ଡିଗ୍ରୀ ରହିଥିଲା। ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଚଳିତବର୍ଷର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି। ଆଗକୁ ତାପମାତ୍ରା ଆହୁରି ବୃଦ୍ଧି ପାଇବା ଆଶଙ୍କା ରହିଛି। ପ୍ରତିଦିନ ପୂର୍ବାହ୍ନ ୧୧ଟା ବେଳକୁ ତାପମାତ୍ରା ୩୮ ଡିଗ୍ରୀକୁ ପହଞ୍ଚି ଯାଉଛି। ମଧ୍ୟାହ୍ନ ୧୨ଟାରୁ ୨ଟା ପର୍ଯ୍ୟନ୍ତ ଏହା କ୍ରମାଗତ ବୃଦ୍ଧି ପାଇ ପାରଦ ୪୨ ଡିଗ୍ରୀ ଉପରକୁ ଉଠିଯାଉଛି। ଅପରାହ୍ନ ୩ଟା ପରେ ତାପମାତ୍ରା ଧୀରେ ଧୀରେ ହ୍ରାସ ପାଉଛି। ଦିନ ବେଳେ ପ୍ରବଳ ଗରମ ଅନୁଭୂତ ହେଉଛି। ମଝିରେ ମଝିରେ ଝାଞ୍ଜି ପବନ ବହୁଛି। ଅସହ୍ୟ ଖରାରୁ ବର୍ତ୍ତିବା ପାଇଁ ପଥଚାରୀ ଓ ବାଇକ୍ ଆରୋହୀ ମୁଣ୍ଡରେ ଟୋପି ଓ ଗାମୁଛା ବ୍ୟବହାର କରୁଛନ୍ତି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଲୋକେ ବିଭିନ୍ନ ପ୍ରତିଷେଧକ ଉପାୟ ଅବଲମ୍ବନ କରି ଘରୁ ବାହାରୁଛନ୍ତି। ଏବେ ପରିବେଶ ଉତ୍ତପ୍ତ ରହୁଥିବାରୁ ସହରରେ ଆଖୁରସ, ସରବତ, ଦହି ଲସି, ତରଭୁଜ ଓ ବିଭିନ୍ ଥଣ୍ଡା ପାନୀୟର ଚାହିଦା ବଢ଼ିଯାଇଛି। ଅନ୍ୟପକ୍ଷରେ ବେଲପାହାଡ଼ ଫାଟକ ନିକଟରେ ପୌର ପରିଷଦ ପକ୍ଷରୁ ସ୍ଥାପନ ହୋଇଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଠିକ୍ ଭାବରେ କାମ କରୁନାହିଁ। ମଝିରେ ମଝିରେ ଏହା ଅଚଳ ହୋଇପଡୁଛି। ଫଳରେ ବିଭିନ୍ନ ବସ, କିମ୍ବା ଅନ୍ୟ କୌଣସି ଗାଡ଼ିକୁ ଅପେକ୍ଷା କରି ସେଠାରେ ଠିଆ ହେଉଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୌର ପରିଷଦ ପକ୍ଷରୁ ବିଭିନ୍ନ ୱାର୍ଡରେ ୩୩ଟି ଜଳଛତ୍ର ଖୋଲାଯାଇଛି। ମାତ୍ର କେତେକ ଜଳଛତ୍ରରେ ପାନୀୟ ରହୁ ନ ଥିବା ଦେଖିବାକୁ ମିଳୁଛି।

# ଗଛରେ ଝୁଲି ଯୁବକଙ୍କ ଆତ୍ମହତ୍ୟା

**ଲହୁଣୀପଡ଼ା,୨୯।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା କୁଡ଼େଇକଳା ପଞ୍ଚାୟତ ଦଲମକୁଚା ଗ୍ରାମସ୍ଥିତ ଶ୍ୱଶୁର ଘରେ ରହୁଥିବା କୁର୍ଡା ଗ୍ରାମର ଇନ୍ଦ୍ରମଣି ମୁଣ୍ଡା (୩୫) ରବିବାର ସନ୍ଧ୍ୟାରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସାମାନ୍ୟ କଥାକୁ କେନ୍ଦ୍ରକରି ଇନ୍ଦ୍ରମଣୀ ଏଭଳି ଚରମ ପଦକ୍ଷେପ ନେଇଥିବାବେଳେ ଭୟରେ ତାଙ୍କ ସ୍ତ୍ରୀ ପିଲାଛୁଆଙ୍କ ସହ ଘର ଛାଡ଼ି ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ ଇନ୍ଦ୍ରମଣି ପ୍ରାୟ ୫ରୁ ୬ ବର୍ଷ ହେବ ଦଲମକୁଚା ଗ୍ରାମରେ ଘରଜ୍ୱାଇଁ ଭାବେ ରହିଆସୁଥିଲେ। କୌଣସି କାରଣରୁ ରବିବାର ସନ୍ଧ୍ୟାରେ ସ୍ତ୍ରୀଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। କିଛି ସମୟ ପରେ ଇନ୍ଦ୍ରମଣି ନିକଟରେ ଥିବା ଏକ ଜାମୁଗଛ ଉପରକୁ ଚଢ଼ିଯାଇ ବେକରେ ନିଜ ଗାମୁଛା ବାନ୍ଧି ଝୁଲିପଡ଼ିଥିଲେ। ସୋମବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ତଥା ଲହୁଣୀପଡ଼ା ତହସିଲଦାର ଆଲୋକ କୁମାର ଦେହୁରୀଙ୍କ ଉପସ୍ଥିତିରେ ଗଛରୁ ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ମେଡିକାଲ ପଠାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସେଲ୍‌ଫି କର୍ଣ୍ଣର



@ ମନୀଷ



@ ରାକେଶ



@ ସଞ୍ଜୀବ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ODISHA JOINT ENTRANCE EXAMINATION-2019
(OJEE - 2019)
No: 103/OJEE19 Date: 29.04.2019
NOTICE
OJEE 2019 will be conducted on
(i) 12.05.2019 (Pen and Paper Based Examination) and
(ii) 13.05.2019 (Computer Based Examination)
www.ojee.nic.in ... latest by
05.05.2019
Sd-
Chairman, OJEE

# ବିଜିଆର୍ ଠିକାସଂସ୍ଥାରେ କାର୍ଯ୍ୟବନ୍ଦ ଆନ୍ଦୋଳନ

- ଖଣି ସମ୍ପ୍ରସାରଣ କାର୍ଯ୍ୟ ବାଧାପ୍ରାପ୍ତ
- କର୍ମଚାରୀଙ୍କ ଉପରେ ଠିକାସଂସ୍ଥାର ଜୁଲମ
- ଶ୍ରମ ଆଇନକୁ ଖୋଲା ଉଲ୍ଲଂଘନ

**ଲଖନପୁର,୨୯।୪(ଡି.ଏନ୍.ଏ.)**

ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ରରେ କାର୍ଯ୍ୟରତ ଠିକାସଂସ୍ଥା ବିଜିଆର୍‌ରେ ରବିବାରଠାରୁ କର୍ମଚାରୀ ଅଶାନ୍ତି ଦେଖାଦେଇଛି। ବିଭିନ୍ନ ଦାବି ନେଇ ଠିକା କର୍ମଚାରୀମାନେ ଖଣି ଅଞ୍ଚଳରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଖଣି ସମ୍ପ୍ରସାରଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦାବି ସମ୍ପର୍କରେ ଠିକାସଂସ୍ଥା କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହ କୌଣସି ଆଲୋଚନା ନ କରି ରବିବାର ରାତିରେ ପୋଲିସ ଲଗାଇ ବଳପୂର୍ବକ କ୍ୟାମ୍ପରୁ ଚାଲିଯିବାକୁ ଧମକ ଦେଇଥିଲେ। ଏଥିରେ ଠିକାସଂସ୍ଥା ସଫଳ ନ ହେବାରୁ ସୋମବାର ସକାଳେ ବନ୍ଦଥିବା ଖଣି ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ କରିଥିଲେ। ତେବେ ଆନ୍ଦୋଳନକାରୀ ଏହାକୁ ବିରୋଧ କରିଥିଲେ। ଫଳରେ ଠିକାସଂସ୍ଥା ଏଥିରେ ସଫଳ ହୋଇ ନ ଥିଲା। ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଜୁଲମ ଅସନ୍ତୁଷ୍ଟ କର୍ମଚାରୀଙ୍କୁ ଆନ୍ଦୋଳନ କରିବାକୁ ଅଧିକ ସଂଗଠିତ କରୁଛି। ଏଥିରେ ଖଣି କର୍ତ୍ତୃପକ୍ଷ ହସ୍ତକ୍ଷେପ କରି କର୍ମଚାରୀଙ୍କ ଯୁକ୍ତିଯୁକ୍ତ ଦାବି ପୂରଣ କରନ୍ତୁ ବୋଲି ଆନ୍ଦୋଳନକାରୀ ଅଡ଼ି ବସିଛନ୍ତି। ଏ ନେଇ ଲଖନପୁର କୋଇଲାଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ କହିଛନ୍ତି, ଠିକା କର୍ମଚାରୀଙ୍କ କେତେକ ଦାବି ରହିଛି। ଏ ସମ୍ପର୍କରେ ଠିକାସଂସ୍ଥା କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି। ଏହାର ସମାଧାନ ପାଇଁ ଏମ୍‌ସିଏଲ୍ ପକ୍ଷରୁ ଠିକାସଂସ୍ଥାକୁ ତାଗିଦ୍ କରାଯାଇଛି ବୋଲି ସେ କହିଛନ୍ତି। ବିଜିଆର୍ ଅଧିକାରୀ ଚିତ୍ର କୁମାର ରେଡ୍ଡି କହିଛନ୍ତି, ଏମ୍‌ସିଏଲ୍ ସହିତ ଚୁକ୍ତି ହୋଇଥିବା ଟେଣ୍ଡର କାମ ଶେଷ ହେବାକୁ ବସିଲାଣି। ଫଳରେ ଠିକା କର୍ମଚାରୀମାନଙ୍କୁ ଓଭରଡ୍ୟୁଟି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦେବା ସମ୍ଭବ ହେଉନାହିଁ ବୋଲି ସେ ସଫେଇ ଦେଇଛନ୍ତି। ତେବେ ଏ ନେଇ ଜିଲା ଶ୍ରମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଟେଣ୍ଡର ମାଧ୍ୟମରେ ୨୦୧୭ରୁ ବିଜିଆର୍ ଠିକାସଂସ୍ଥା ଏମ୍‌ସିଏଲ୍ ଖଣି ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ହୋଇଛି। ଏହି ଠିକାସଂସ୍ଥାରେ ଶତାଧିକ ହାଇୱା, ପ୍ରପଲିନ୍ ମେଶିନ୍ ଆଦି କାର୍ଯ୍ୟ କରୁଛି। ଏ ସବୁକୁ ପରିଚାଳନା ପାଇଁ ଶତାଧିକ ଚାଳକ, ହେଲ୍‌ପର୍, ସୁପରଭାଇଜର ଓ ଅନ୍ୟା କର୍ମଚାରୀ ନିୟୋଜିତ ହୋଇଛନ୍ତି। ଖଣି ପରିସରରେ ଠିକାସଂସ୍ଥା ପକ୍ଷରୁ ଠିକା କର୍ମଚାରୀ ରହିବା ପାଇଁ କ୍ୟାମ୍ପ ନିର୍ମାଣ କରାଯାଇଛି। ଏହି କ୍ୟାମ୍ପରେ ଶତାଧିକ ଠିକା କର୍ମଚାରୀ ରହୁଛନ୍ତି। କର୍ମଚାରୀଙ୍କ ଖାଇବା ପାଇଁ ଠିକାସଂସ୍ଥା ପକ୍ଷରୁ ମେସ୍ କରାଯାଇଛି। ମେସ୍‌ରେ ଜଣପିଛା ମାସିକ ଖାଇବା ଖର୍ଚ୍ଚ ୧୨ଶହ ଟଙ୍କା ଥିଲା। ଏବେ ଏହାକୁ ବୃଦ୍ଧି କରାଯାଇ ୨୫ଶହ କରାଯାଇଛି। ପୁଣି ସେଥିରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। କର୍ମଚାରୀଙ୍କୁ ରବିବାର ଛୁଟିଦିନରେ ଡ୍ୟୁଟି ମିଳୁଥିବାବେଳେ ଏହାର ପାରିଶ୍ରମିକ ଦୁଇଗୁଣ ମିଳୁଥିଲା। ଏବେ ଏହାକୁ ଠିକାସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ କରିଦେଇଛି। କ୍ୟାମ୍ପ ଘର ଛାତରେ ଜିଆଇ ଶିଟ୍ ପଡ଼ିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପରେ ସେ ସବୁ ତାତି ନିଆଁ ହୋଇଯାଉଛି। ଫଳରେ କର୍ମଚାରୀମାନେ ତାତିରେ ଡହଳବିକଳ ହେଉଛନ୍ତି। କ୍ୟାମ୍ପରେ ବିଶୁଦ୍ଧ ପାନୀୟ ଜଳ ଓ ଗାଧେଇବା ପାଇଁ ଆବଶ୍ୟକ ପାଣି ମିଳୁନାହିଁ। ଏତେସବୁ ସମସ୍ୟା ରହିଥିବାବେଳେ ଏହାର ସମାଧାନ ଦିଗରେ ଖଣି କିମ୍ବା ଠିକାସଂସ୍ଥା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏ ଦିଗରେ ଶ୍ରମ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଠିକା କର୍ମଚାରୀ ଦାବି କରିଛନ୍ତି।



ଲଖନପୁର କୋଇଲା ଖଣି ପରିସରରେ ଥିବା ବିଜିଆର୍ କ୍ୟାମ୍ପରେ ଠିକା କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି।

ସୂଚନା
ତା.07.05.2019 ରିଖ ରେ ବିକ୍ରେତା ସମ୍ମିଳନୀ
ପୂର୍ବ ତଟ ରେଳପଥ ଚିତ୍ତରଞ୍ଜନ ଲୋକୋମୋଟିଭ ୱାର୍କସ୍ ସହଯୋଗରେ ନୂଆ ବିକ୍ରେତାମାନଙ୍କୁ ବିକଶିତ କରିବା ଏବଂ ବର୍ତ୍ତମାନର ବିକ୍ରେତାମାନଙ୍କ ଉତ୍ପାଦରେଞ୍ଜକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ତା.07.05.2019 ରିଖ ପୂର୍ବାହ୍ନ 1000 ଘଟିକାରେ ପୂର୍ବ ତଟ ରେଳପଥ ଅଡିଟୋରିୟମ୍, ରେଳ ଷ୍ଟାଡିୟମ୍ ନିକଟ, ମଞ୍ଚେଶ୍ୱର, ଭୁବନେଶ୍ୱର ଠାରେ ବିକ୍ରେତା ସମ୍ମିଳନୀ (Vendor Meet) ର ଆୟୋଜନ କରୁଛି। ରେଳବାଇକୁ ସାମଗ୍ରୀଗୁଡ଼ିକର ଯୋଗାଣ ନିମନ୍ତେ ଇଚ୍ଛୁକ ସମସ୍ତ ବର୍ତ୍ତମାନର ତଥା ଆଶାୟୀ ବିକ୍ରେତାମାନଙ୍କୁ ଏଥିରେ ଅଂଶ ଗ୍ରହଣ କରିବା ପାଇଁ ନିବେଦନ କରାଯାଉଛି। ଇଚ୍ଛୁକ ବିକ୍ରେତାମାନେ ନିଜର ଅଗ୍ରୀମ ପଞ୍ଜୀକରଣ ନିମନ୍ତେ ଶ୍ରୀ କେ.ଏନ୍. ପଟ୍ଟନାୟକ, ବରିଷ୍ଠ ସାମଗ୍ରୀ ପ୍ରବନ୍ଧକ / II / ପୂର୍ବ ତଟ ରେଳପଥ, ମୋବାଇଲ ନଂ. 08455885763 କିମ୍ବା ଇ-ମେଲ୍ ଆଇଡି : smm3ecor@gmail.com କିମ୍ବା ଶ୍ରୀ ପି.କେ. ପଟେଲ, ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ / II / ପୂର୍ବ ତଟ ରେଳପଥ, ମୋବାଇଲ୍ : 08455885753 କିମ୍ବା ଇ-ମେଲ୍ ଆଇଡି : dycmm3ecor@gmail.com ଙ୍କ ସହିତ ଯୋଗାଯୋଗ କରିପାରିବେ। ସେମାନେ ତା.07.05.2019 ରିଖ ପୂର୍ବାହ୍ନ 0930 ଘଟିକାରେ ଉପରୋକ୍ତ ସ୍ଥାନ ଠାରେ ମଧ୍ୟ ନିଜର ପଞ୍ଜୀକରଣ କରିପାରିବେ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/II/ଭୁବନେଶ୍ୱର
ପୂର୍ବ ତଟ ରେଳପଥ
PR-55/K/19-20



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ଆର୍‌ଏସ୍‌ପି କର୍ମଚାରୀଙ୍କ କ୍ୱାର୍ଟରରେ ଅଗ୍ନିକାଣ୍ଡ

**ରାଉରକେଲା ଅଫିସ,୨୯।୪-**
ସେକ୍ଟର-୬ କ୍ୱାର୍ଟର ନଂ.ସି/୬୩ରେ ରହୁଥିବା ଆରଏସପି କର୍ମଚାରୀ ଏସ. ଲାକ୍ରାଙ୍କ କ୍ୱାର୍ଟରରେ ସୋମବାର ଅପରାହ୍ନ ୧ଟାରେ ଅଗ୍ନିକାଣ୍ଡ ଘଟି ଜିନିଷପତ୍ର ନଷ୍ଟ ହୋଇଛି। ଖବର ପାଇ ଅଗ୍ନିଶମ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଲାକ୍ରା ଏ ସିଫ୍ଟ ଡ୍ୟୁଟିରେ ଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ତାଙ୍କ କ୍ୱାର୍ଟରରୁ ପ୍ରବଳ ଧୂଆଁ ବାହାରିବା ଦେଖି ପାଖ ପଡୋଶୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଗାଡି ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଲାକ୍ରାଙ୍କ କ୍ୱାର୍ଟରରେ ତାଲା ଝୁଲୁଥିଲା। ଏଣୁ କର୍ମଚାରୀଙ୍କୁ ତାଲା ଭାଙ୍ଗି ନିଆଁ ଲିଭାଇବାକୁ ପଡିଥିଲା। ତେବେ କ୍ୱାର୍ଟର ଭିତରେ ଥିବା ସବୁ ଜିନିଷପତ୍ର ଜଳିପୋଡି ପାଉଁଶ ହୋଇଯାଇ ଥିଲା। ଏହି ଖବର ପାଇ ଆରଏସପିର ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଥିଲେ।

ଜଲ୍‌ଦା, ଉତ୍କଳନଗରରେ ପଥର ଖାଦାନ ନେଇ ଅସନ୍ତୋଷ

# ନିଦ ଛଡ଼ାଇ ନେଉଛି ବିସ୍ଫୋରଣ

**ରାଉରକେଲା ଅଫିସ, ୨୯।୪**

ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଜଲଦା ଓ ଉତ୍କଳନଗର ନିକଟରେ ରହିଥିବା ପଥର ଖାଦାନ ଯୋଗୁ ସ୍ଥାନୀୟ ବାସିନ୍ଦା ଧନଜୀବନକୁ ନେଇ ଭୟଭୀତ ହୋଇ ପଡିଛନ୍ତି। ଏହାର ନିରାକରଣ ନେଇ ବସ୍ତିର କିଛି ମହିଳା ରାଉରକେଲା ତହସିଲଦାର ବିଶ୍ୱରଞ୍ଜନ ରଥଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଏହି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପଥର ଖାଦାନର ଧୂଳି ଏମାନଙ୍କ ବଇରି ସାଜିଛି। ବ୍ଲାଷ୍ଟିଂ ଯୋଗୁ କାନ ଫାଟି ପଡୁଛି। ପଥର ଛିଟିକି ଲୋକଙ୍କ ଘରଦ୍ୱାରରେ ପଡୁଛି। ବେପରୁଆ ଭାବେ ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ପଥର ଉତ୍ତୋଳନ କରାଯାଉଛି, ଯାହାର ସୀମା ସରହଦ ନାହିଁ। ପଥର ଖାଦାନ ଉତ୍କଳନଗର ବସ୍ତି ବାସିନ୍ଦାଙ୍କ ପାଚେରି ଛୁଇଁ ସାରିଲାଣି। ଏହି ପଥର ଖାଦାନରୁ ଆଉ କିଛି ଦିନ ପଥର ଉତ୍ତୋଳନ କରାଗଲେ ଶତାଧିକ ପରିବାର ଘର ଛାଡିବାକୁ ବାଧ ହେବେ। ଏଣୁ ଅସୁରକ୍ଷିତ ଜୀବନ ଓ ବ୍ଲାଷ୍ଟିଂ କାରଣରୁ ବହୁ ଗରିବ ଆଦିବାସୀ ପରିବାର ସମସ୍ୟାର ସମ୍ମୁଖୀନ ହେଉଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି ଗରିବ ପରିବାର ଝୁମ୍ପୁଡି ଘର ତୋଳି ରହୁଥିବା ବେଳେ ଏହା ଏବେ ନଷ୍ଟ ହେବାକୁ ବସିଲାଣି। ଏ ସବୁ ଅଞ୍ଚଳରେ ପଥରଖାଦାନ ମାଫିଆଙ୍କ ଅରାଜକତା ଯୋଗୁ ସ୍ଥାନୀୟ ବାସିନ୍ଦା ଘାଣ୍ଟି ହେଉଛନ୍ତି।



ଜଲଦାଠାରେ ଥିବା ଏକ ଖାଦାନ ନିକଟରେ ସ୍ଥାନୀୟ ବାସିନ୍ଦା ଠିଆ ହୋଇ ପ୍ରତିବାଦ କରୁଛନ୍ତି।

ଜଲଦା ଅଞ୍ଚଳରେ ବହୁ ବେଆଇନ ଖାଦାନ ଖୋଲା ଜାରି ରହିଛି। ଗାଁ ନିକଟରେ ଖୋଲାଖୋଲି ବ୍ଲାଷ୍ଟିଂ କରାଯାଉଥିବା ବେଳେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉନି। ବିସ୍ଫୋରଣ କାରଣରୁ ଗର୍ଭବତୀ ମହିଳା, ହୃଦ୍‌ରୋଗୀ, ଛୋଟ ଶିଶୁଙ୍କ ସମେତ ଗୃହପାଳିତ ପଶୁ ପ୍ରଭାବିତ ହେଉଥିବା ଅଭିଯୋଗ ହୋଉଛି। ଶବ୍ଦ ଓ ବାୟୁ ପ୍ରଦୂଷଣ ନେଇ ଲୋକେ କୁପ୍ରଭାବର ଶିକାର ହେଉଥିବା ଅଭିଯୋଗ ହୋଇଛି। ବେପରୁଆ ଖାଦାନ ଖୋଲା ଯାଉଥିବା କାରଣରୁ ଗୋଚର ଜମି ନଷ୍ଟ ହେବାକୁ ବସିଲାଣି। ଜଲଦା ନିକଟ ହାଟିଂ ଟୋଲା ଅଞ୍ଚଳର ଗାଁ ଭିତରେ ରହିଥିବା ପଥର ଖାଦାନ ସ୍ଥିତି ନେଇ ଲୋକେ ଯେତେ ଆପତ୍ତି ଅଭିଯୋଗ କଲେ ବି କେହି ଶୁଣିବା ଅବସ୍ଥାରେ ନାହାନ୍ତି। ଦୀର୍ଘ ବର୍ଷ ଧରି ଉପରୋକ୍ତ ଅଞ୍ଚଳରେ ଚାଲିଥିବା ଖଣିଖାଦାନ ଲୋକଙ୍କ ନିଦ ହଜାଇ ଦେଇଛି। ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ଉପରିସ୍ଥ ଅଧିକାରୀ କେହି ହେଲେ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଉତ୍କଳ ନଗର ଅଞ୍ଚଳର କିଛି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସ୍ୱର ଉତ୍ତୋଳନ କରିଛନ୍ତି। ରାଉରକେଲା ତହସିଲଦାରଙ୍କୁ ଏନେଇ ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି। ଏଥିରେ ସମ୍ପୃକ୍ତ ଖାଦାନ ମାଲିକଙ୍କ ପ୍ରତି ଆବଶ୍ୟକ କାର୍ଯ୍ୟାନୁଷ୍ଠନ ଦାବି କରା ଯାଇଛି। ଏ ଦିଗରେ ଯଥା ସମ୍ଭବ ପଦକ୍ଷେପ ନିଆଯିବା ନେଇ ତହସିଲଦାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ସୁଜିତାଜ୍ୟୋତି ଲାକ୍ରା, ସୁମନ ଆଇନ୍ଦ, ସ୍ୱପ୍ନା ଆଇନ୍ଦ, ଗ୍ଲୋରିଆ ଲୁଙ୍ଗଡୁଙ୍ଗ, ଗୀତା ଲୋହାର, ମାରିୟମ ପୂର୍ତ୍ତି, ଅନିତା ଡୁଙ୍ଗଡୁଙ୍ଗ, ସୁନିତା ଭୂମିଜ, ଟେରେସା ଟପ୍ପୋ ଓ ଦିନା କେର୍କେଟ୍ଟା ପ୍ରମୁଖ ତହସିଲଦାରଙ୍କୁ ଭେଟିଥିଲେ।



ଉତ୍ତେଜନା ପରେ ପୋଲିସ ବୁଝାଉଛି।

### ଟ୍ରାଫିକ ପୋଲିସ ସହ ବଚସା, ଉତ୍ତେଜନା

**ରାଉରକେଲା ଅଫିସ,୨୯।୪**

ମଧୁସୂଦନ ମାର୍ଗ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ନୋ ଏଣ୍ଟ୍ରି ଜୋନରେ କାର୍ ପ୍ରବେଶ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। କାର ଚାଳକଙ୍କଠାରୁ ଟ୍ରାଫିକ ପୋଲିସ ଚାବି ଛଡାଇ ନେବାରୁ ଏଭଳି ଘଟଣା ଉପୁଜିଥିଲା। ଏ ନେଇ ରାସ୍ତା ଉପରେ ଟ୍ରାଫିକ ପୋଲିସ ସହ ଗାଡିରେ ବସିଥିବା ୩ ଯୁବକଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଯୁକ୍ତିତର୍କ ଲାଗି ରହିଥିଲା। ଫଳରେ ସେହି ରାସ୍ତା ଦେଇ ପଥଚାରୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପ୍ଲାଣ୍ଟ ସାଇଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇଯିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ସ୍ୱେରେଜ ଲାଇନ ପାଇପ ବିଛାଇବାକୁ ମାଟି ଖୋଳିବା ପରେ ପୋତା ଯାଉନି

# ତାତିଲେ ଛେଣ୍ଡ ଅଞ୍ଚଳର ଲୋକେ

**ରାଉରକେଲା ଅଫିସ,୨୯।୪**

ସ୍ୱେରେଜ ଲାଇନ ପାଇପ ବିଛାଇବାକୁ ଛେଣ୍ଡ ଅଞ୍ଚଳରେ ମାଟି ଖୋଳା ଯାଇଛି। ହେଲେ ଏହାକୁ ପୋତା ଯାଉନି। ରାସ୍ତା ଉପରେ ମାଟି ଜମା ହୋଇ ରହିଛି। ଏହାକୁ ଉଠା ଯାଉନି। ଧୂଳି ଉଡି ଘରକୁ ପଶି ଆସୁଛି। ଠିକାଦାର ଟଙ୍କା ରୋଜଗାର କରୁଥିବା ବେଳେ ସେମାନେ ଧୂଳିରେ ବଞ୍ଚୁଛନ୍ତି। ଘର ସମ୍ମୁଖରେ ମାଟି ଗଦା କରାଯାଇଥିବାରୁ ବାଇକଟିଏ ପଦାକୁ କାଢିବା ସମ୍ଭବ ହେଉନି। ପ୍ରମୁଖ ରାସ୍ତା ମଝିରେ ନାଳ ଖୋଳା ଯାଇଛି। ହେଲେ ଏହାକୁ ମାଟି ପକାଇ ଭରଣା କରାଯାଉନି। ଯଦି ବି ଭରଣା କରାଯାଉଛି ଏହା କିଛି ଦିନ ପରେ ଦବି ଯାଉଛି। ଗତ କିଛି ଦିନ ମଧ୍ୟରେ ଛେଣ୍ଡ ଅଞ୍ଚଳରେ ଏ ନେଇ ଅନେକ ଦୁର୍ଘଟଣା ଘଟିଛି। କାମ କରୁଥିବା କମ୍ପାନୀ କର୍ତ୍ତୃପକ୍ଷ ଜାଣିଲେ ବି ସମାଧାନ ନେଇ ଆଗ୍ରହ ପ୍ରକାଶ କରୁ ନାହିଁ। ଏଣୁ ରାସ୍ତାକୁ ଓହ୍ଲାଇବାକୁ ପଡିଲା। ସୋମବାର ଛେଣ୍ଡ ବାସିନ୍ଦା ରାସ୍ତା ଉପରକୁ ଚାଲିଆସି ବିରୋଧ କରିବା ସହ ଏହି ଅଭିଯୋଗ କରିଛନ୍ତି। ତେବେ ଖବର ପାଇ ନିର୍ମାଣକାରୀ ସଂସ୍ଥାର ଜଣେ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇ ଥିଲେ। ୧୫ ଦିନ ମଧ୍ୟରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ପରିସ୍ଥିତି ଶାନ୍ତ ପଡିଥିଲା।



ଛେଣ୍ଡ ଅଞ୍ଚଳରେ ସ୍ୱେରେଜ କାମ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

### ୭ ମାସର ଗର୍ଭବତୀଙ୍କ ଆତ୍ମହତ୍ୟା

**ରେଢ଼ାଖୋଲ,୨୯।୪(ଡି.ଏନ.ଏ.)**

ରେଢ଼ାଖୋଲ ଥାନା କନ୍ଧରା ଗ୍ରାମର ଦ୍ରୌପଦୀ ପ୍ରଧାନ ନାମ୍ନୀ ଜଣେ ୭ ମାସର ଗର୍ଭବତୀ ମହିଳା ସୋମବାର ସକାଳ ୭ଟାରେ ପିନ୍ଧିଥିବା ଶାଢିକୁ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମହିଳାଙ୍କ ବାପା ଆଠମଲ୍ଲିକ ଥାନା ଡାଲିମାଳ ଗ୍ରାମର ଦିବାକର ଦେହୁରୀ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଦେଢବର୍ଷ ତଳେ ଦ୍ରୌପଦୀ ଏହି ଗାଁର ଅଜିତ ପ୍ରଧାନଙ୍କୁ ବିବାହ କରିଥିଲେ। ଏବେ ସେ ୭ ମାସର ଗର୍ଭବତୀ। କୌଣସି କାରଣରୁ ଶାଶୁଙ୍କ ସହିତ ମନୋମାଳିନ୍ୟ ଯୋଗୁ ଦ୍ରୌପଦୀ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି। ଅପରପକ୍ଷରେ ଦ୍ରୌପଦୀଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ। ସୋମବାର ସକାଳେ ସ୍ୱାମୀ ଘରେ ନ ଥିଲେ। ପରିବାରର ଅନ୍ୟ ସଦସ୍ୟମାନେ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଦ୍ରୌପଦୀ ପିନ୍ଧିଥିବା ଶାଢୀକୁ ଘରର କଡିରେ ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକ ଘରେ ପହଞ୍ଚି ଦ୍ରୌପଦୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ।



କଂକ୍ରିଟ ରାସ୍ତା କାମରେ ଅନିୟମିତତା ନେଇ ଅଭିଯୋଗ ପରେ ମାନ ପରୀକ୍ଷା କରାଯାଉଛି।

# ଅଭିଯୋଗ ପରେ ମାନ ପରୀକ୍ଷା କରାଗଲା

**କଂକ୍ରିଟ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ**

**ରାଉରକେଲା ଅଫିସ, ୨୯।୪**

ଲାଠିକଟା ବ୍ଲକ ହାତୀବନ୍ଧା ପଞ୍ଚାୟତ ବାଲିଯୋଡି ଗ୍ରାମରେ ନିର୍ବାଚନ ବେଳେ ତରବରିଆ ଭାବେ ୫ଟି କଂକ୍ରିଟ ରାସ୍ତା (ସିସି ରୋଡ) ନିର୍ମାଣ କରାଯାଇଛି। ହେଲେ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଏଣୁ ଏଭଳି ଅଭିଯୋଗ ଉଠିବା ପରେ ସୋମବାର ଏହି ରାସ୍ତାର ମାନ ପରୀକ୍ଷା କରାଯାଇଛି। ଲାଠିକଟା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ଏବିଡିଓ) ମାଧବ ପାଣିଗ୍ରାହୀ ଏହି ମାନ ପରୀକ୍ଷା କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ଠିକାଦାର ଓ ସ୍ଥାନୀୟ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ। ତେବେ ରାସ୍ତାର ମାନ କିପରି ଅଛି ଓ ଏହାର ଲମ୍ବା ଏବଂ ଚଉଡା ଠିକ ଭାବେ ରହିଛି ନା ନାହିଁ ତାହା ପରବର୍ତ୍ତୀ ସମୟରେ ଜଣା ପଡିବ ବୋଲି କୁହାଯାଇଛି। ତେବେ ଏହି ଯାଞ୍ଚ କାଳରେ ଏବିସି କଲୋନୀ ଅଞ୍ଚଳର ଏକ ବିବାଦୀୟ ସିସି ରୋଡ ବୁଲି ଦେଖିବା ବେଳେ ସ୍ଥାନୀୟ ଲୋକେ ନିରବ ରହିଥିଲେ। ଏପରିକି ଯାଞ୍ଚ ନେଇ ସେମାନେ ରାସ୍ତା ଖୋଳିବାକୁ ମଧ୍ୟ ଦେଇ ନ ଥିଲେ। ବିଭାଗୀୟ ଅଧିକାରୀ କେବଳ ମାପଚୁପ କରି ଫେରି ଯାଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ହାତୀବନ୍ଧା ଅଞ୍ଚଳରେ ଏହି ସିସି ରୋଡ ନିର୍ମାଣ ନେଇ ଏକାଧିକ ସ୍ଥାନରେ ଦୀର୍ଘ ଦିନ ହେବ ଫଳକ ଲଗା ଯାଇଥିଲା, ହେଲେ ରାସ୍ତା ଆରମ୍ଭ ହେଉ ନ ଥିଲା। ନିର୍ବାଚନକୁ ଆଖି ଆଗରେ ରଖି ଏପ୍ରିଲ ୧୦ରେ ଏହାକୁ ଯୁଦ୍ଧ କାଳୀନ ଭିତିରେ ଆରମ୍ଭ କରାଯାଇଥିଲା। ତରବରିଆ ଭାବେ କାମ ନେଇଥିବା ଠିକାଦାର ନିର୍ମାଣ ସାରିଥିଲେ। ଏହାକୁ ସ୍ଥାନୀୟ ବାସିନ୍ଦା ଚ୍ୟାଲେଞ୍ଜ କରିବା ସହ ରାସ୍ତା ଅତି ନିମ୍ନ ମାନର ବୋଲି ଅଭିଯୋଗ କରିଥିଲେ। ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏକ ନିର୍ଦ୍ଦିଷ୍ଟ ଅଭିଯୋଗ ଉପରେ ରାସ୍ତା ଯାଞ୍ଚ କରିବାକୁ ଆସିଥିଲେ, ଯେଉଁଠି ଅଭିଯୋଗକାରୀ ଓ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଅଭିଯୋଗକାରୀ ସ୍ଥାନୀୟ ବାସିନ୍ଦା ଏ ନେଇ ଲିଖିତ ଭାବେ ଉପରିସ୍ଥ ଅଧିକାରୀ ଓ ଭିଜିଲାନ୍ସ ମୁଖ୍ୟାଳୟକୁ ଦରଖାସ୍ତ ପଠାଇ ଥିଲେ। ଅଭିଯୋଗ ଅଧାରରେ ଲାଠିକଟା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପାଣିଗ୍ରାହୀ ସୋମବାର ପୂର୍ବାହ୍ନରେ ୪ଟି ସିସି ରୋଡର ମାନ ପରୀକ୍ଷା କରିଛନ୍ତି। ଅପରପକ୍ଷେ ବାଲିଯୋଡି ଏବିସି କଲୋନୀର କିଛି ଲୋକ ତାଙ୍କ ଅଞ୍ଚଳ ରାସ୍ତା ନିର୍ମାଣରେ ଅନିୟମିତତା ହୋଇ ନାହିଁ ବୋଲି କହି ଠିକାଦରାଙ୍କ ସମର୍ଥନରେ ଉପରିସ୍ଥ ଅଧିକାରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏଣୁ କାମ କରୁଥିବା ଠିକାଦାର ଗୋଷ୍ଠୀ ଓ ଏହାକୁ ବିରୋଧ କରୁଥିବା ବାସିନ୍ଦାଙ୍କ ମଧ୍ୟରେ ଏ ପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ମଧୁବାବୁଙ୍କ ସ୍ୱପ୍ନ ସାକାର ହୋଇନି

**ରାଉରକେଲା ଅଫିସ, ୨୯।୪**

ସାରନଗରୀ ଗୁଣ୍ଡିଚା ମନ୍ଦିର ପରିସରରେ ସ୍ୱାଭିମାନ ଦିବସ ଓ ମଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଓଡିଆ ସ୍ୱାଭିମାନର ପ୍ରତୀକ ମଧୁ ବାବୁଙ୍କ ତ୍ୟାଗପୂତ ଜୀବନ ସଂଘର୍ଷମୟ ଥିଲା। ବିଚ୍ଛିନ୍ନାଞ୍ଚଳକୁ ନେଇ ମଧୁ ବାବୁ ବୃହତ ଓଡିଶାର ସ୍ୱପ୍ନ ଦେଖିଥିଲେ। ଓଡିଆ ଜାତିର ସର୍ବାଙ୍ଗୀନ ବିକାଶ ନେଇ ମଧୁ ବାବୁଙ୍କ ସ୍ୱପ୍ନ ଆଜି ବି ସାକାର ହୋଇ ପାରିନି । ଏଣୁ ମିଳିମିଶି ଓଡିଶାର ଉନ୍ନତି ପାଇଁ ସଂଗ୍ରାମ କରିବାକୁ ଏଥିରେ ଆହ୍ୱାନ ଦିଆଯାଇ ଥିଲା। ଡାକ୍ତର ରାହାସବିହାରୀ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଚିତ୍ରାନନ୍ଦ ଦାସ, ଦିଲୀପ ନାୟକ, ଟି. ଦାସ ମୋହିନୀ, ଚିତ୍ତରଞ୍ଜନ ନନ୍ଦ, ସମାଇ ସୋରେନ, ଗୌରାଙ୍ଗ ଦାସ ଓ ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଆମେ ଚାହୁଁ ଜଙ୍ଗଲ ଜମି ପଟ୍ଟା

■ ପାନପୋଷ ଉପଜିଲାପାଳଙ୍କ ସହ ଆଲୋଚନା

**ରାଉରକେଲା ଅଫିସ,୨୯।୪**

ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନେଇ ସୁପ୍ରିମ କୋର୍ଟଙ୍କ ରାୟ ପରେ ସନ୍ଦିହାନ ହୋଇ ପଡିଛନ୍ତି ସ୍ଥାନୀୟ ଆଦିବାସୀ। ଏ ନେଇ ସୋମବାର ମୂଳବାସୀ ଆଦିବାସୀ ସମାଜ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ପାନପୋଷ ଉପଖଣ୍ଡର ଉପଜିଲାପାଳ ବିଶ୍ୱଜିତ ମହାପାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଜଙ୍ଗଲ ଜମି ପଟ୍ଟା ଆଶାୟୀଙ୍କ ମଧ୍ୟରେ ଚିନ୍ତା ବଢିବାରେ ଲାଗିଛି। ଗତ ଫେବୃୟାରୀରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ବନବାସୀଙ୍କୁ ନିରାଶ କରିଛି। ଜଙ୍ଗଲ ଜମି ଦଖଲ କରି ପରମ୍ପରାଗତ ଭାବେ ବସବାସ କରି ଆସୁଥିବା ଆଦିବାସୀଙ୍କୁ ଏଥିରୁ ଉଚ୍ଛେଦ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଗୁଜରାଟ ଭଳି କେତେକ ରାଜ୍ୟ ଚ୍ୟାଲେଞ୍ଜ କରିବା ପରେ କୋର୍ଟ ଏହା ଉପରେ ଜୁଲାଇ ୧୨ ପର୍ଯ୍ୟନ୍ତ ରହିତାଦେଶ ଜାରି କରିଛନ୍ତି। ଆବେଦନକାରୀଙ୍କ ଆପତ୍ତିକୁ ଆଧାର କରି କୋର୍ଟ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ଏ ନେଇ ଅଧିକ ତଥ୍ୟ ମାଗିଥିବା କହିଛନ୍ତି ମୂଳବାସୀ ଆଦିବାସୀ ମଞ୍ଚ ନେତା।



ଜଙ୍ଗଲ ଜମି ପଟ୍ଟା ପାଇବାକୁ ଲୋକେ ପାନପୋଷ ଉପ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

ଏମାନଙ୍କ କହିବାନୁସାରେ ଯଦି ଏହି ଆଇନ ଲାଗୁ କରାଯାଏ ତେବେ ଅନ୍ୟ ରାଜ୍ୟ ତୁଳନାରେ ଓଡିଶାର ସର୍ବାଧିକ ବନବାସୀ କ୍ଷତିଗ୍ରସ୍ତ ହେବେ। ଏହାର ସଂଖ୍ୟା ପ୍ରାୟ ୧ଲକ୍ଷ ୪୫ ହଜାର। ସେହିଭଳି ସୁନ୍ଦରଗଡ ଜିଲାର ୧୭ ହଜାର ଆଦିବାସୀଙ୍କୁ ଜଙ୍ଗଲ ଜମି ଛାଡିବାକୁ ପଡିବ। ଏପରି ଅବସ୍ଥାରେ ପାନପୋଷ ଉପଖଣ୍ଡରେ ଏହି ଧରଣର କେତେ ଆଦିବାସୀ ପରିବାର ଜଙ୍ଗଲ ଜମିରେ ବସବାସ କରୁଛନ୍ତି ସେନେଇ ସଂଗଠନ ନେତା ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଆବହମାନ କାଳରୁ ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିବାସୀ ପରିବାର ପଟ୍ଟା ପାଇବାକୁ ଚାହିଁ ବସିଥିବା ବେଳେ କୋର୍ଟଙ୍କ ନିର୍ଦ୍ଦେଶ ଏଥିରେ ବାଧା ସୃଷ୍ଟି କରିଛି। କୋର୍ଟ ନିର୍ଦ୍ଦେଶ ଦେବାର ୩ ମାସ ଗଡି ସାରିଲାଣି। ଏ ନେଇ ଜିଲା ପ୍ରଶାସନ କିମ୍ବା ରାଜ୍ୟ ସରକାର କିଛି ହେଲେ ପଦକ୍ଷେପ ନେଇ ନାହାନ୍ତି। ନିର୍ବାଚନ ଆଚରଣ ବିଧି ଆଳରେ ଦିନ ଗଡୁଛି। ଆସନ୍ତା ଜୁଲାଇ ୧୨ ପର୍ଯ୍ୟନ୍ତ ଏହି ଆଦେଶ ଉପରେ ରହିତାଦେଶ ଜାରି ହୋଇଛି। ଆଉ ମାସ କେଇଟା ପରେ କୋର୍ଟ ତାଙ୍କ ଚୂଡାନ୍ତ ରାୟ ପ୍ରଦାନ କରି ପାରନ୍ତି। ଏହା ପୂର୍ବରୁ ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ କି ପଦକ୍ଷେପ ନେଇଛନ୍ତି ସେ ନେଇ ଜାଣିବାକୁ ଚାହିଁଛନ୍ତି ପାନପୋଷ ଉପଖଣ୍ଡ ଅନ୍ତର୍ଗତ ୧୦ଟି ଗ୍ରାମର ପ୍ରତିନିଧି। ତେବେ ନିର୍ବାଚନ ଯୋଗୁ ସମସ୍ତ ଅଧିକାରୀ ବ୍ୟସ୍ତ ରହିଥିବାରୁ ଏ ଦିଗରେ ବିଶେଷ କିଛି ଅଗ୍ରଗତି ହୋଇ ପାରିନି ବୋଲି କହିଛନ୍ତି ପାନପୋଷ ଉପଜିଲାପାଳ ମହାପାତ୍ର। ଆସନ୍ତା ମେ ୩ ପରେ ଏ ନେଇ ଗ୍ରାମ ସଭା ମାଧ୍ୟମରେ ଲୋକଙ୍କୁ ଅବଗତ କରାଯିବ ବୋଲି ମହାପାତ୍ର ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ଆଲୋଚନା କାଳରେ ପ୍ରତିନିଧି ଭାବେ ଜାବଲୁନ ଏକ୍କା ଦେନେ ଓରାମ, ଦେବ କେର୍କେଟ୍ଟା, ମଙ୍ଗଳ ଓରାମ ଓ ମହେଶ୍ୱର ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଆଇଟି କର୍ମଚାରୀ କ୍ଲବର ବାର୍ଷିକ ସମାରୋହ

**ରାଉରକେଲା ଅଫିସ,୨୯।୪**

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନଆଇଟି) କର୍ମଚାରୀ କ୍ଲବ ପକ୍ଷରୁ ଏହାର ବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ଅନୁପ ପଣ୍ଡା, ଏନଆଇଟି କୁଳ ସଚିବ ପ୍ରଫେସର ସରୋଜ ପଟେଲ, କ୍ଲବ ସଂଯୋଜକ କୃଷ୍ଣ ସାହୁ, କ୍ଲବ ସଭାପତି ଅରବିନ୍ଦ କୁମାର, କ୍ଲବ ଚେୟାରମ୍ୟାନ ପ୍ରଫେସର ପୀତାମ୍ବର ମହାନନ୍ଦିଆ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରବି ସିଂ ଓ ପ୍ରିୟଙ୍କା ସିଂ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।




ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ...